ଗଣଦାବୀ କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେ ର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦ ● ମୂଲ୍ୟ-୫ଟଙ୍କା।

VOL NO. - 13, ISSUE NO. - 31, DATE : 01.09.2026 - 15.09.2026 FORTNIGHTLY (ODIA), BHUBANESWAR. PAGES-08

ଯୁଦ୍ଧ କାଳୀନ ଭିତ୍ତିରେ ବନ୍ୟା ପରିସ୍ଥିତିର ମୁକାବିଲା ଓ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏସୟୁସିଆଇ(କମ୍ୟୁନିଷ୍ଟ)ର ଦୃଢ ଦାବି

ସମ୍ପ୍ରତି ରାଜ୍ୟରେ ଦେଖା ଦେଇଥିବା ଭୟାବହ ବନ୍ୟା ବ୍ୟାପକ କ୍ଷୟକ୍ଷତି ସାଧନ କରିଛି, ଲକ୍ଷ ଲକ୍ଷ ବନ୍ୟା କ୍ଷତିଗ୍ରସ୍ତ ଜନସାଧାରଣ ଅତ୍ୟନ୍ତ ଦୟନୀୟ ପରିସ୍ଥିତି ମଧ୍ୟରେ କାଳାତିପାତ କରୁଥିଲାବେଳେ ବନ୍ୟା ପରିସ୍ଥିତି ମୁକାବିଲା କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ଅପରାଧୀ ସୁଲଭ ଅବହେଳା ପରିସ୍ଥିତିକୁ ଆହୁରି ଗମ୍ଭୀର କରିଛି ।

ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୫ ଦଫା ବନ୍ୟା ଆସିବା ଫଳରେ ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡାରେ ୬୮ଟି ବ୍ଲକ୍, ୧୭୩ଟି ଗ୍ରାମପଂଚାୟତ, ୩୦୭ଟି ଗ୍ରାମର ୪,୯୫,୫୫୯ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ମାତ୍ର ବାସ୍ତବତାର ଚିତ୍ର ଏହି ସଂଖ୍ୟାର ବହୁ ଗୁଣରୁ ଅଧିକ । ଏତଦ୍ ବ୍ୟତୀତ ଲକ୍ଷ ଲକ୍ଷ ଗୃହପାଳିତ ପଶୁ ଅତ୍ୟନ୍ତ ବିପନ୍ନ ଅବସ୍ଥାରେ ପଡିଛନ୍ତି । ଲକ୍ଷାଧିକ ଘର ବନ୍ୟା ଦ୍ୱାରା ଭାଙ୍ଗି ଯାଇଛି ଅଦ୍ୟାବଧି ଗୃହଶୂନ୍ୟ ହୋଇ ରାସ୍ତା ଓ ଗଛ



ମୂଳେ ଭୋକ ଉପାସରେ ପିଲା ଛୁଆକୁ ଧରି ଖରା ବର୍ଷା ମଧ୍ୟରେ ଦିନ କାଟୁଛନ୍ତି । ଅନେକ ଲୋକ ମୃତ୍ୟୁବରଣ କରିଛନ୍ତି, ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ସମ୍ପୂର୍ଣ୍ଣଭାବେ ଜଳ ମଗ୍ନ ହେବା ଦ୍ୱାରା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି, ଜମି ବାଲିଚର ହୋଇଛି, ଧାନ ତଳି ନଷ୍ଟ ହୋଇଛି, ଅତ୍ୟଧିକ ଜଳ ପ୍ଲାବନ ହେତୁ ବୁଣାଧାନ, ପନିପରିବା ନଷ୍ଟ ହୋଇଛି । ଯାହା ଫଳରେ ଚଳିତ ଖରିଫ୍ ଋତୁରେ ଆଦୌ ଫସଲ ଅମଳର କୌଣସି ସମ୍ଭାବନା ନାହିଁ। ପ୍ରଥମ ବନ୍ୟାର ଦେଢ ମାସରୁ ଅଧିକ ସମୟ ପରେବି ଲୋକଙ୍କ ପାଖରେ ଖାଦ୍ୟ ନାହିଁ, ବିଶୁଦ୍ଧ ପାନୀୟ ଜଳ ନାହିଁ, ଜଳବାହୀ ସଂକ୍ରାମକ ରୋଗ ଜନଜୀବନକୁ ଅତିଷ୍ଠ କରିବାରେ ଲାଗିଛି । ସରକାରଙ୍କ ପକ୍ଷରୁ ଆବଶ୍ୟକ ପରିମାଣର ରନ୍ଧା ଖାଦ୍ୟର ବନ୍ଦୋବସ୍ତ ନଥିବାରୁ ଛୋଟ ଶିଶୁ ଓ ବୃଦ୍ଧ ବୃଦ୍ଧାମାନଙ୍କ ସମେତ ଲକ୍ଷ ଲକ୍ଷ ଲୋକ ଖାଦ୍ୟାଭାବର ସମ୍ମୁଖୀନ ହେଉଛନ୍ତି । ମୂଳିଆ ଶ୍ରେଣୀର ଲୋକମାନଙ୍କ ପାଇଁ ଆଜି ବି କୌଣସି କାମ ଧନ୍ଦା ନାହିଁ କି ନିକଟ ଭବିଷ୍ୟତରେ କାମ ଦାମ ମିଳିବାର ସମ୍ଭାବନା ନାହିଁ । ବିପନ୍ନ ଲୋକଙ୍କ ଦ୍ୱାର ପାଖରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ବନ୍ୟା ଜନିତ ରୋଗର ପ୍ରତିକାରାତ୍ମକ ବ୍ୟବସ୍ଥା ପହଂଚି ନଥିବାରୁ ଅତ୍ୟନ୍ତ ହାହାକାରମୟ ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ଯୋଗୁ ଗମନାଗମନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି । ଆଉ ଏକ ଉଦବେଗଜନକ ଘଟଣା ହେଉଛି ବିଭିନ୍ନ ସହରରେ ଏପରିକି ସ୍ମାର୍ଟ ସିଟିଗୁଡ଼ିକରେ ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସହରାଂଚଳ ଗୁଡ଼ିକରେ ବନ୍ୟାଭଳି ପରିସ୍ଥିତି ସୃଷ୍ଟି ହୋଇ ଜନଜୀବନକୁ ବିପର୍ଯ୍ୟସ୍ତ କରୁଛି ।

ସରକାର ସଂପୂର୍ଣ୍ଣ ଉଦାସୀନତା ପ୍ରଦର୍ଶନ କରିଚାଲିଥିଲାବେଳେ ଦୁର୍ଗତ ବନ୍ୟାକ୍ଲିଷ୍ଟ ଜନସାଧାରଣଙ୍କ ନିକଟରେ ଯଥା ସମ୍ଭବ ସହାୟତା ପହଞ୍ଚାଇବା ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ)ପାର୍ଟି ପକ୍ଷରୁ ଯଥାସାଧ୍ୟ ଉଦ୍ୟମ ଚାଲିଛି । ଦଳର

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

ସଂଶୋଧିତ ଖଣି ଆଇନ ବିରୁଦ୍ଧରେ ଆନ୍ଦୋଳନ ପାଇଁ

ଏସୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମ୍ଏଲ) ରେଡ୍ ଷ୍ଟାର, ସିପିଆଇ(ଏମ୍ଏଲ)-ନ୍ୟୁ ଡେମୋକ୍ରେସି ଓ ସିପିଆଇ(ଏମ୍ଏଲ) ପକ୍ଷରୁ ମିଳିତ ଡାକରା

ଜନ୍ତର ମନ୍ତର ଯୁବ ଛାତ୍ର ଆନ୍ଦୋଳନ ଉପରେ ପୁଲିସ ଅତ୍ୟାଚାର ପରିପ୍ରେକ୍ଷୀରେ ଅଚଳ ହୋଇଥିବା ସଂସଦର ମୌସୁମୀ ଅଧିବେଶନର ଶେଷ ଆଡ଼କୁ ଗୃହରେ ବିରୋଧୀ ଦଳ ମାନଙ୍କ ଅନୁପସ୍ଥିତିରେ କେନ୍ଦ୍ର ଭାଜପା ସରକାର ସଂସଦରେ ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ୨୦୨୬ [Mines and Minerals (Development and Regulation) Act 2026] ପାସ କରିଛନ୍ତି । ଏହି ଆଇନ ଦେଶର ଖଣିଜ ସମ୍ପଦକୁ ବଡ଼ ବଡ଼ କର୍ପୋରେଟ୍ ଗୋଷ୍ଠୀଙ୍କ ହାତରେ ପୂର୍ବ ତୁଳନାରେ ସହଜରେ ଓ ଅଧିକ ପରିମାଣରେ ଟେକିଦେବା ସହ ରାଜ୍ୟ ମାନଙ୍କ ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରିବା ପାଇଁ ଉଦ୍ଦିଷ୍ଟ । ଏହି ଆଇନ ସମଗ୍ର ଦେଶର ଖଣିଜ ସମ୍ପଦ ଉପଲବ୍ଧ ଥିବା ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଆଦିବାସୀ ଓ ସ୍ଥାନୀୟ ଜଙ୍ଗଲ ଅଧିବାସୀ ମାନଙ୍କୁ ଆହୁରି ବିପଦଗ୍ରସ୍ତ କରିବା ସଙ୍ଗେସଙ୍ଗେ, ଜଙ୍ଗଲ, ଜଳ ଓ ଜୀବିକା ଉପରେ ଆଦିବାସୀ ମାନଙ୍କ ଅଧିକାରକୁ ଗୁରୁତର ପ୍ରଭାବିତ କରିବ ।

ବିଶେଷକରି ଏହି ଆଇନର ୯-ଡି ଧାରା ନିଜ ରାଜ୍ୟରେ ଥିବା ଖଣିଜ ସମ୍ପଦ ଉପରେ ସଂପୃକ୍ତ ରାଜ୍ୟ ମାନଙ୍କର କର ଟିକସ ଆଦାୟ କରିବାର ଅଧିକାରକୁ ବ୍ୟାପକ ଭାବରେ ସଂକୁଚିତ କରୁଛି ।



୨୦୧୪ ଅଗଷ୍ଟ ମାସରେ ସୁପ୍ରିମକୋର୍ଟଙ୍କ ରାୟ ଭିତ୍ତିରେ କର୍ପୋରେଟ ଖଣି ମାଲିକ ମାନଙ୍କ ଠାରୁ ପ୍ରାୟ ୧ ଲକ୍ଷରୁ ୧.୨୫ଲକ୍ଷ କୋଟି ବାକିଆ ଟଙ୍କା ଆଦାୟ କରିବାର ସୁଯୋଗକୁ ଏହି ଆଇନ ଓଡିଶା ସରାକରଙ୍କ ହାତରୁ ଛଡ଼ାଇ ନେଇଛି । ଏହା ସହ ଖଣିଜ ଦ୍ରବ୍ୟ ଉପରେ ସେସ୍ ବା ନୂଆ କର ଲଗାଇବା ପାଇଁ ରାଜ୍ୟ ସରକାର ମାନଙ୍କ ଅଧିକାରକୁ ମଧ୍ୟ ଏହି ଆଇନ ଛଡାଇନେଲା । ଏହା ଫଳରେ ଓଡିଶା ସରକାର ବାର୍ଷିକ ୧୨ ହଜାରରୁ ୧୭ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଉଛି ।

ଏହି ସଂଶୋଧିତ ଆଇନର ୧୩ ଧାରା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ମାଧ୍ୟମରେ କ୍ୟାପ୍ଟିଭ୍ ଖଣିର ଖଣିଜକୁ ଖୋଲା ବଜାରରେ ବିକ୍ରି କରିବାର ସୁଯୋଗକୁ ଆହୁରି ବୃଦ୍ଧି କରାଯାଇଛି । କ୍ୟାପଟିଭ ଖଣି ହେଉଚି ସେହି ଖଣି ଯେଉଁ ଖଣିରୁ ଉତ୍ପାଦିତ ଖଣିଜ ଦ୍ରବ୍ୟ ଏକ ବିଶେଷ କାରଖାନାରେ ବ୍ୟବହୃତ ହୁଏ । ସେଥିପାଇଁ ଖଣି ଲିଜ ନେଉଥିବା କମ୍ପାନୀ ପାଇଁ ପୂର୍ବରୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ବାଧ୍ୟତାମୂଳକ ଥିଲା । ମାତ୍ର ବର୍ତମାନର ସଂଶୋଧିତ ଆଇନ ଅନୁଯାୟୀ ଖଣି ଲିଜ ନେଇଥିବା କମ୍ପାନୀ ମାନଙ୍କ ପାଇଁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଆଉ ବାଧ୍ୟତାମୂଳକ ନୁହେଁ । ଏହା ବ୍ୟତୀତ ଶିଳ୍ପ ପ୍ରତିଷ୍ଠା କରିଥିବା କମ୍ପାନୀ ମାନେ ମଧ୍ୟ ବର୍ତମାନ ପୂର୍ବାପେକ୍ଷା ବହୁ ଅଧିକ ପରିମାଣର ଖଣିଜ ଦ୍ରବ୍ୟ ଉତ୍ପାଦନ କରି ଖୋଲା ବଜାରରେ ବିକ୍ରି କରି ପାରିବେ । ଏବେ କମ୍ପାନୀମାନେ ଯେତିକି ପରିମାଣର ଖଣିଜ ନିଜ କାରଖାନାରେ ବ୍ୟବହାର କରିବେ ଆଉ ସେତିକି ପରିମାଣର ଖଣିଜ ଖୋଲା ବଜାରରେ ବିକ୍ରି କରି ମୁନାଫା ଉଠାଇ ପାରିବେ ।ଏହା ବଡ଼ ବଡ଼ ଖଣି-କମ୍ପାନୀଙ୍କୁ ନିଜସ୍ୱ କାରଖାନା ପାଇଁ ମିଳିଥିବା ଖଣିରୁ ଖଣିଜ ଦ୍ରବ୍ୟ ବିକ୍ରି କରି ମୁନାଫା ଲୁଟ୍ କରିବାର ଅବାଧ ସୁଯୋଗ ଦେଇଛି ।

ଏହା ବ୍ୟତୀତ ଯେତିକି ଅଂଚଳରୁ ଖଣିଜ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ଭିତର ପୃଷ୍ଠାରେ

★ ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା-ଶିକ୍ଷାକୁ ସଠିକ୍ଭାବେ ଓ ଗଭୀରଭାବେ ବୁଝିବା ବ୍ୟତିରେକେ କୌଣସି ଦେଶରେ ବିପ୍ଳବ ସମ୍ଭବ ନୁହେଁ

★ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ ଚିନିଦର ଆକାଶ ଛୁଆଁ

★ ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ହନ୍ତସନ୍ତ ଚାଷୀ

(କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ସ୍ମରଣ ବାର୍ଷିକୀ ଉପଲକ୍ଷେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଗତ ୬ ଅଗଷ୍ଟରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍ମରଣ ସଭାରେ ପାର୍ଟି ରାଜ୍ୟ କମିଟି ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତଙ୍କ ପ୍ରଦ ବକ୍ତବ୍ୟ)

କମ୍ରେଡ୍ ସଭାପତି, ଆଜିକାର ଏହି ସ୍ମରଣ ସଭାର ମୁଖ୍ୟ ବକ୍ତା ତଥା ଆମ ପାର୍ଟି ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ପଲିଟ୍ବ୍ୟୁରୋ ସଦସ୍ୟ କମ୍ରେଡ୍ ସ୍ୱପନ୍ ଘୋଷ, ମଂଚାସିନ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟଗଣ, କମ୍ରେଡ୍ସ୍ ଓ ବନ୍ଧୁଗଣ। କମ୍ରେଡ୍ ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁବାର୍ଷିକୀ ପାଳନ ଅବସରରେ ପାର୍ଟି ରାଜ୍ୟ କମିଟି ଆହ୍ୱାନରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ଆପଣମାନେ ଏଠାରେ ଉପସ୍ଥିତ ହୋଇଛନ୍ତି। ଏହା ମଧ୍ୟ ଆମେ ଜାଣୁ, ଗତ କିଛି ଦିନ ଧରି ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା, ବନ୍ୟା ତଥା ଗମନାଗମନରେ ବହୁ ଅସୁବିଧା ସତ୍ତ୍ୱେ ବି ଆପଣମାନେ ଏହି ସଭାକୁ ଆସିଛନ୍ତି। ନିଶ୍ଚିତଭାବେ ଆପଣମାନଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡିଛି। ଏହି ସ୍ମରଣ ସଭାରେ ଆସିଥିବା ପ୍ରସ୍ତାବରୁ ଆପଣମାନେ ଶୁଣିଛନ୍ତି ରାଜ୍ୟରେ କି ଭୟଙ୍କର ବନ୍ୟା ପରିସ୍ଥିତି ଚାଲିଛି। ମୁଖ୍ୟ ବକ୍ତା ଏବଂ ସଭାର ସଭାପତି ମଧ୍ୟ ଓଡିଶା ଓ ଆସାମର ପ୍ରଳୟଙ୍କରୀ ବନ୍ୟା ସମ୍ପର୍କରେ କହିଛନ୍ତି। ଓଡିଶାର ପ୍ରାୟ ସମସ୍ତ ଜିଲ୍ଲା ବନ୍ୟା ପ୍ରପୀଡିତ। ଆସାମ ତୁଳନାରେ ଓଡିଶାରେ ବନ୍ୟାର ବ୍ୟାପକତା ଅନେକ ବେଶୀ, କିନ୍ତୁ ଆସାମ ବନ୍ୟାର ତୀବ୍ରତା ଓ ଧ୍ୱଂସଲୀଳା ଆହୁରି ଭୟଙ୍କର। ବହୁ ସାଧାରଣ ଲୋକଙ୍କର ଜୀବନ ଯାଇଛି, ଆହୁରି ବହୁ ଲୋକ ଅସହାୟ ଅବସ୍ଥାରେ ଅଛନ୍ତି, ଅନେକେ ହିଁ ନିଖୋଜ। ସେମାନଙ୍କର ଏହି ଦୁର୍ବିସହ ଅବସ୍ଥା, ଜୀବନହାନୀ, ଦୁଃଖ କଷ୍ଟ ତୁଳନାରେ ନିଶ୍ଚିତଭାବେ ଆପଣମାନେ ଏଠାକୁ ଆସିବା ପାଇଁ ବେଶୀ କଷ୍ଟ କରି ନାହାନ୍ତି। ଜୀବନରେ ଯେତେବେଳେ କୌଣସି ଅସୁବିଧା ଆସେ, ଦୁଃଖ କଷ୍ଟ ସ୍ୱୀକାର କରିବାକୁ ପଡେ, ସେତେବେଳେ ନିଜ ଅପେକ୍ଷା ଯେଉଁମାନେ ଆହୁରି ଅଧିକ ଅସୁବିଧାରେ ଅଛନ୍ତି, ସେମାନଙ୍କ କଥା ଭାବିବାକୁ ପଡିବ। ଏକଥା ଆମକୁ ସର୍ବଦା ମନେରଖିବାକୁ ହେବ। ଆର୍ଥିକ, ସାମାଜିକ, ପାରିବାରିକ ଜୀବନରେ ହେଉ, ବା ବ୍ୟକ୍ତିଗତ ଜୀବନରେ ହେଉ, ସମସ୍ତ କ୍ଷେତ୍ରରେ ଅବହେଳିତ, ନିପୀଡିତ ଜନସାଧାରଣଙ୍କ କଥା ଆମକୁ ସଦାସର୍ବଦା ଶୟନେ ସ୍ୱପନେ ଜାଗରଣେ ଭାବିବାକୁ ହେବ। ଯେମିତି ଭାବୁଥିଲେ, ଆମର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ, ଯାହାଙ୍କର ସ୍ମରଣ ସଭା ଆମେ ଏଠାରେ ପାଳନ କରୁଛୁ। ତାଙ୍କର ଛାତ୍ର ହିସାବରେ, ଅନୁଗାମୀ, ସମର୍ଥକ ହିସାବରେ ଏହି ଶିକ୍ଷା ଆମକୁ ମନେରଖିବାକୁ ହେବ। ଆମେ ଯଦି ପ୍ରକୃତରେ ବଡ ହେବା ପାଇଁ ଚାହୁଁ, ତା'ହେଲେ ଏହି ଶିକ୍ଷାକୁ ହୃଦୟଙ୍ଗମ କରିବାକୁ ହେବ। ଆମେ ପାର୍ଟି ସହିତ ସମ୍ପୃକ୍ତ ହୋଇଛୁ, ବଡ ହେବା ପାଇଁ। ବଡ ହେବା ଅର୍ଥ ବଡ ଲୋକ ନୁହେଁ, ବଡ ମଣିଷ ହେବା। ତେଣୁ ଜ୍ଞାନ ଓ ଚରିତ୍ର ଦିଗରୁ ଯିଏ ମୋ ଅପେକ୍ଷା ଆହୁରି ଉଚ୍ଚ ସ୍ଥାନରେ, ମୁଁ ତାଙ୍କୁ ଅନୁସରଣ କରିବି। ଆଉ ଜୀବନରେ ମୁଁ ସମ୍ମୁଖୀନ ହେଉଥିବା ଅସୁବିଧା ଅପେକ୍ଷା ଯେଉଁମାନେ ଆହୁରି ବେଶୀ ଅସୁବିଧାରେ ଅଛନ୍ତି, ସେମାନଙ୍କ କଥା ଭାବିବି, ତା' ନହେଲେ ଆମେ ମନୁଷ୍ୟତ୍ୱ ଅର୍ଜନ କରିପାରିବୁ ନାହିଁ। ବଡ ହୋଇ ପାରିବୁ ନାହିଁ। କମ୍ରେଡ୍ ଶିବଦାସ ଘୋଷଙ୍କ ସମସ୍ତ ଶିକ୍ଷାର ମୂଳ ନିର୍ଯ୍ୟାସ ଏହିଠାରେ ହିଁ ନିହିତ ଅଛି ବୋଲି ମୁଁ ମନେକରେ। ସେ ଚାହିଁଥିଲେ, ସମାଜରେ କିଛି ଭଲ ମଣିଷ ତିଆରି ହୁଅନ୍ତୁ। ବଡ ମନୁଷ୍ୟତ୍ୱର ଅଧିକାରୀ ହୁଅନ୍ତୁ। ଉନ୍ନତ ଚରିତ୍ର ଓ ଉଦାର ହୃଦୟବତ୍ତାର ଅଧିକାରୀ ହୁଅନ୍ତୁ ଏବଂ ଆଜୀବନ ଆପୋଷହୀନ ଭାବରେ ସମାଜର ପ୍ରତିଟି ଅନ୍ୟାୟ, ଅବିଚାର ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ ଜାରୀ ରଖନ୍ତୁ। ଏହା ହିଁ ହେଲା ତାଙ୍କ ଜୀବନର ବୋଧ ହୁଏ ସମସ୍ତ ଶିକ୍ଷାର ମୂଳ କଥା। ସେହି ଅନୁଯାୟୀ ଗଭୀର ଏକାଗ୍ରତାର ସହିତ ଆମକୁ ଏହି ସ୍ମରଣ ଦିବସରେ ଉପସ୍ଥିତ ପାର୍ଟିର ପ୍ରତ୍ୟେକ ନେତା, କର୍ମୀ, ସଂଗଠକ, ଦରଦୀ ବନ୍ଧୁ ଆମ ସମସ୍ତଙ୍କୁ ଆତ୍ମ ସମୀକ୍ଷା କରିବାକୁ ପଡିବ, ତାଙ୍କର ଏହି ଶିକ୍ଷାକୁ ଆମ ଜୀବନରେ ଆମେ କେତେ ଦୂର ରୂପ ଦେଇ ପାରିଛୁ। ସେଥିପାଇଁ ଏହି ସଭା। ଏହା ଏକ ଉତ୍ସବ ନୁହେଁ।

କମ୍ରେଡ୍ ଶିବଦାସ ଘୋଷ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି ଏକ ବ୍ୟାପକ ସମୃଦ୍ଧ ଜ୍ଞାନ ଭଣ୍ଡାର ସୃଷ୍ଟି କରି ଯାଇଛନ୍ତି। ସ୍ରଷ୍ଟା ଓ ସୃଷ୍ଟି ଯେତେବେଳେ ଏକ ହୋଇ ଯାଏ, ଚିନ୍ତା ଏବଂ ଚିନ୍ତାନାୟକ ଯେତେବେଳେ ଏକ ହୋଇଯାଏ, ସେତେବେଳେ ଏକେ ଅପରକୁ ଅଲଗା ଭାବେ



ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା-ଶିକ୍ଷାକୁ ସଠିକ୍ଭାବେ ଓ ଗଭୀରଭାବେ ବୁଝିବା ବ୍ୟତିରେକେ କୌଣସି ଦେଶରେ ବିପ୍ଳବ ସମ୍ଭବ ନୁହେଁ

ବୁଝିବା ସମ୍ଭବ ନୁହେଁ। ତେଣୁ କମ୍ରେଡ୍ ଶିବଦାସ ଘୋଷଙ୍କୁ କେବଳ ତାଙ୍କର ସ୍ମରଣ ସଭାରେ ନୁହେଁ, ତାଙ୍କୁ ପ୍ରତିଦିନ ପ୍ରତିମୁହୂର୍ତ୍ତରେ ବୁଝିବାକୁ ହେଲେ ତାଙ୍କ ଦ୍ୱାରା ସୃଷ୍ଟ ବିଶାଳ ଜ୍ଞାନ ଭଣ୍ଡାର ଭିତରକୁ ଆନନ୍ଦ ସହକାରେ ପ୍ରବେଶ କରିବାକୁ ହେବ। ଏହା ହିଁ ଆମ ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି। ଏହା ନବୁଝିଲେ, ଏହି ମହାନ୍ ଚିନ୍ତା ସଂସ୍ପର୍ଶରେ ଆସିଲେ ମଧ୍ୟ ଆମ ଜୀବନ ଅନେକାଂଶରେ ହିଁ ବିଫଳ। ଏ ଦେଶରେ ସର୍ବହରା ଶ୍ରେଣୀ, ଶ୍ରମଜୀବୀ ଜନସାଧାରଣଙ୍କ ଶୋଷଣମୁକ୍ତିର ସଂଗ୍ରାମର ପ୍ରୟୋଜନରେ ଏକ ସଠିକ୍ ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟିର ଅଭାବ ସେଦିନ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଜଣେ ସ୍ୱେଚ୍ଛାସେବକ ଭାବେ ଅଂଶଗ୍ରହଣ କରିବା ମଧ୍ୟଦେଇ ସେ ବୁଝିଥିଲେ। ସେଥିପାଇଁ ଏଦେଶରେ ଗୋଟିଏ ସଠିକ୍ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଗଢିତୋଳିବା ପାଇଁ ସେ ତାଙ୍କର ସମଗ୍ର ଜୀବନ ଆତ୍ମନିୟୋଗ କରିଥିଲେ ଏବଂ ସେହି ସଂଗ୍ରାମର ଧାରାବାହିକତାରେ ଏଦେଶରେ ଏକ ସଠିକ୍ ସର୍ବହରା ଶ୍ରେଣୀର ବିପ୍ଳବୀ ଦଳ ହିସାବରେ ୧୯୪୮ ମସିହା, ଏପ୍ରିଲ ୨୪ ତାରିଖ ଦିନ ଏସ୍ୟୁସିଆଇ(କମ୍ୟୁନିଷ୍ଟ)କୁ ପ୍ରତିଷ୍ଠା କରିଥିଲେ।

ଏକଥା ଆପଣମାନେ ଜାଣନ୍ତି। ସମଗ୍ର କମ୍ୟୁନିଷ୍ଟ ଆନ୍ଦୋଳନ, ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନ ଏବଂ ତା'ର ନେତୃତ୍ୱ ବାରମ୍ବାର ଗୋଟିଏ କଥା କହିଯାଇଛନ୍ତି, ଗୋଟିଏ ଦେଶରେ, ଗୋଟିଏ ବିଶେଷ ସାମାଜିକ ବ୍ୟବସ୍ଥା ଭିତରେ ଗୋଟିଏ ମାତ୍ର ସଠିକ୍ କମ୍ୟୁନିଷ୍ଟ ପାର୍ଟି ରହିପାରେ। ଏକାଧିକ ସଠିକ୍ କମ୍ୟୁନିଷ୍ଟ ପାର୍ଟି ରହିପାରେ ନା। କମ୍ୟୁନିଷ୍ଟ ପାର୍ଟି ନାଁରେ ଗୋଟିଏ ଦେଶରେ ଅସଂଖ୍ୟ ପାର୍ଟି ରହିପାରେ। କିନ୍ତୁ ସବୁ ପାର୍ଟି ସଠିକ୍ କମ୍ୟୁନିଷ୍ଟ ପାର୍ଟି ହୋଇ ପାରେ ନା। ଏପରିକି ଗୋଟିଏ ଦେଶର ଦୁଇ ପ୍ରାନ୍ତରେ, ଭାରତବର୍ଷ ଭଳି ଏକ ବିଶାଳ ଦେଶର ଦୁଇ ପ୍ରାନ୍ତରେ ମାର୍କ୍ସବାଦୀ ବିଜ୍ଞାନକୁ ଆଧାର କରି ଯଦି ଦୁଇଟି ପାର୍ଟି ଗଢି ଉଠେ ଏବଂ ଦୁଇଟି ଯାକ ଯଦି ସଠିକ୍ କମ୍ୟୁନିଷ୍ଟ ପାର୍ଟି ହୋଇଥାଏ, ତେବେ ଏହି ଦୁଇଟି ପାର୍ଟି ଅଲଗା ହୋଇ ରହିପାରିବେ ନାହିଁ। ଘଟଣାପ୍ରବାହରେ ଗୋଟିଏ ପାର୍ଟିରେ ପରିଣତ ହେବେ। ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନର ଇତିହାସ ଏହି ଶିକ୍ଷା ଦେଇଛି ଏବଂ କମ୍ୟୁନିଷ୍ଟ ଚିନ୍ତାନାୟକମାନେ ଏହି ଶିକ୍ଷା ହିଁ ଦେଇ ଯାଇଛନ୍ତି। ଆମ ଦେଶରେ ଅନେକ କମ୍ୟୁନିଷ୍ଟ ଦରଦୀ ବ୍ୟକ୍ତିବିଶେଷ ଆବେଗର ସହ କୁହନ୍ତି, ଏତେଗୁଡ଼ିଏ କମ୍ୟୁନିଷ୍ଟ ପାର୍ଟି ଏକ ହୋଇଯାଉ ନାହାନ୍ତି କାହିଁକି ? ଏହା ହେଲେ ତ କମ୍ୟୁନିଷ୍ଟ ଆନ୍ଦୋଳନ ଶକ୍ତିଶାଳୀ ହୁଅନ୍ତା। ଏତେଗୁଡ଼ିଏ ପାର୍ଟି ଆମେ ତ ସୃଷ୍ଟ କରନ୍ତୁ, ଯେଉମାନେ କରଛନ୍ତ, ସେମାନଙ୍କୁ ଏହି ପ୍ରଶ୍ନ ପଚାରିବା ଦରକାର। ୧୯୨୫ ମସିହାରେ ଏଦେଶରେ କମ୍ୟୁନିଷ୍ଟ ପାର୍ଟି ଗଢି ତୋଳିବାର ପ୍ରଚେଷ୍ଟା ମଧ୍ୟଦେଇ ଏକମାତ୍ର ଅବିଭକ୍ତ ସିପିଆଇ (କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ)କୁ କମ୍ୟୁନିଷ୍ଟ ପାର୍ଟି ନାଁରେ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଘଟଣାପ୍ରବାହରେ ସିପିଆଇରୁ ସିପିଆଇ(ଏମ୍), ସିପିଆଇ(ଏମ୍)ରୁ ସିପିଆଇ(ଏମ୍.ଏଲ୍), ସିପିଆଇ(ଏମ୍.ଏଲ୍)ରୁ ତାର ଅନେକ ଶାଖା ପ୍ରଶାଖା ଯେମିତି ସିପିଆଇ(ଏମ୍ଏଲ୍) ଲିବରେସନ୍, ସିପିଆଇ(ଏମ୍ଏଲ୍)ରେଡ୍-ଷ୍ଟାର, ସିପିଆଇ(ଏମ୍ଏଲ)ରେଡ୍-ଫ୍ଲାଗ୍, ସିପିଆଇ(ଏମ୍.ଏଲ୍) ନିଉ ଡେମୋକ୍ରାସି, ସିପିଆଇ(ଏମ୍.ଏଲ୍) ମାସ ଲାଇନ୍, ସିପିଆଇ(ମାଓବାଦୀ) ଭଳି ପାର୍ଟି ସବୁ ଗଢି ଉଠିଛି। ଏହି ପାର୍ଟିଗୁଡ଼ିକ ତ ସେହି ଅବିଭକ୍ତ ସିପିଆଇରୁ ବିଭାଜନ ପରେ ବିଭାଜନ ମଧ୍ୟଦେଇ ଗଢିଉଠିଛି। ଏସ୍ୟୁସିଆଇ(କମ୍ୟୁନିଷ୍ଟ) ତ ସେମାନଙ୍କୁ ଭାଗ ଭାଗ କରି ନାହିଁ। ଭାରତବର୍ଷର ବିପ୍ଳବର ରଣନୀତି, ରଣକୌଶଳ ସମ୍ପର୍କିତ ଏ ସମସ୍ତ ପାର୍ଟି ମାନଙ୍କର ବ୍ୟାଖ୍ୟା ବିଶ୍ଳେଷଣକୁ ଭଲଭାବରେ ବିଚାର କଲେ ଦେଖାଯିବ, କିଛି ଶବ୍ଦଗତ ପାର୍ଥକ୍ୟକୁ ବାଦ ଦେଲେ, ସେଗୁଡ଼ିକ ମୂଳତଃ ସମାନ। ସୁତରାଂ ସେମାନେ ଏକ ହେବେ କି ନାହିଁ ତାହା ସେମାନେ ବିଚାର କରିବେ। କିନ୍ତୁ ଭାରତବର୍ଷରେ ଏକ ସଠିକ୍ କମ୍ୟୁନିଷ୍ଟ ପାର୍ଟି ଗଢି ତୋଳିବାର ଅଦମ୍ୟ, ନିରବଚ୍ଛିନ୍ନ, କଷ୍ଟକର, କଠିନ ଓ କଠୋର ସଂଗ୍ରାମ ମଧ୍ୟଦେଇ ତିଳ ତିଳ କରି ଏହି ପାର୍ଟିଟିକୁ ଗଢା ଯାଇଛି ଏବଂ ତା'ର ସୁନିଶ୍ଚିତ ଅଗ୍ରଗତି ଘଟୁଛି, ଯଦିଓ ସେଥିରେ ଆତ୍ମସନ୍ତୁଷ୍ଟିର ସାମାନ୍ୟତମ ଅବକାଶ ନାହିଁ। ଆମେ ଯଦି ପ୍ରକୃତରେ ବିପ୍ଳବୀ ହୋଇଥାଉ, ଏଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ଶୋଷଣମୂଳକ ବ୍ୟବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଯଦି ଆମର କାମ୍ୟ ହୁଏ, ତେବେ ଆତ୍ମସନ୍ତୁଷ୍ଟିର କୌଣସି ଅବକାଶ ନାହିଁ। ଯେଉଁ ବିଜ୍ଞାନକୁ ଆଧାର କରି ଏ ଦେଶରେ କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଗଢି ଉଠିଛି, ତା'ହେଲା, ମାର୍କ୍ସବାଦ। ମାର୍କ୍ସବାଦକୁ ବିକଶିତ କରିଛନ୍ତି କମ୍ରେଡ୍ ଫ୍ରେଡେରିକ୍ ଏଙ୍ଗେଲସ୍, ପୁଣି ତାହାକୁ 'ସାମ୍ରାଜ୍ୟବାଦ ଓ ସର୍ବହରା ବିପ୍ଳବ ଯୁଗ'ର ବିଶେଷ ପରିସ୍ଥିତିରେ ଆହୁରି ବିକଶିତ ଓ ସମୃଦ୍ଧ କରିଛନ୍ତି କମ୍ରେଡ୍ ଲେନିନ୍। ତାହାକୁ ପୁନଶ୍ଚ ଆହୁରି ସମ୍ପ୍ରସାରିତ ଓ ବିକଶିତ କରିଛନ୍ତି, କମ୍ରେଡ୍ ଷ୍ଟାଲିନ୍, କମ୍ରେଡ୍ ମାଓ ସେ-ତୁଂ। ଏ ସମସ୍ତଙ୍କର ସୁଯୋଗ୍ୟ ଛାତ୍ର ହିସାବରେ, ଅନୁଗାମୀ ହିସାବରେ କମ୍ରେଡ୍ ଶିବଦାସ ଘୋଷ ମାର୍କ୍ସବାଦ-ଲେନିନ୍ବାଦକୁ ଭାରତବର୍ଷର ବିଶେଷ ପରିସ୍ଥିତିରେ ବିଶେଷୀକୃତ କରିବାକୁ ଯାଇ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ଆନ୍ତର୍ଜାତିକ ପରିସ୍ଥିତିରେ ଆହୁରି ବିକଶିତ ଓ ସମୃଦ୍ଧ କରିଛନ୍ତି। ତା'ର ଉପଲବ୍ଧିର ସ୍ତରକୁ ଆହୁରି ଉନ୍ନତ ସୋପାନକୁ ନେଇଯାଇଛନ୍ତି। ସେଥିପାଇଁ, ବର୍ତ୍ତମାନ ସମୟରେ ମାର୍କ୍ସବାଦ-ଲେନିନ୍ବାଦକୁ ସଠିକ୍ ଭାବେ ବୁଝିବାକୁ ହେଲେ କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା ଶିକ୍ଷାକୁ ସଠିକ୍ଭାବେ ଓ ଗଭୀରଭାବେ ବୁଝିବାକୁ ହେବ। ଆଉ ଏହା ନବୁଝିଲେ କୌଣସି ଦେଶରେ ବିପ୍ଳବ ସମ୍ଭବ ନୁହେଁ। ଶୋଷିତ ମଣିଷର ମୁକ୍ତି ସମ୍ଭବ ନୁହେଁ। ମାର୍କ୍ସ, ଏଙ୍ଗେଲସ୍, ଲେନିନ୍, ଷ୍ଟାଲିନ୍, ମାଓ-ସେ-ତୁଂଙ୍କ ସହିତ ବର୍ତ୍ତମାନ ସମୟର ମାର୍କ୍ସବାଦ-ଲେନିନ୍ବାଦର ଉଚ୍ଚତର ଉପଲବ୍ଧି ପାଇବାକୁ ହେଲେ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଭଲଭାବେ ବୁଝିବାର ପ୍ରୟୋଜନୀୟତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଆମେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ସହିତ ଜଡିତ ବୋଲି ଏହି କଥାଗୁଡ଼ିକ କହୁ ନାହୁଁ। ଯଦି କେବଳ ସେଥିପାଇଁ ହିଁ କହୁ, ତା'ହେଲେ ଆମ କଥା ମିଥ୍ୟା ହୋଇଯିବ। ଯେଉଁମାନେ ଭାରତବର୍ଷର ମୁକ୍ତି ସଂଗ୍ରାମକୁ ସଠିକ୍ ରାସ୍ତାରେ ପରିଚାଳିତ କରିବାକୁ ଚାହାଁନ୍ତି ଏବଂ ତାହାକୁ ଶେଷ ପରିଣତି ଦିଗରେ ନେଇ ଯିବାକୁ ଚାହାଁନ୍ତି, ଅର୍ଥାତ୍ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାର ମୂଳୋତ୍ପାଟନ କରି, ତାକୁ ଧ୍ୱଂସ କରି ଏକ ନୂତନ ସମାଜ, ଏକ ନୂତନ ସଭ୍ୟତା ପ୍ରତିଷ୍ଠା କରିବାକୁ ଚାହାଁନ୍ତି, ବୈଜ୍ଞାନିକ ସମାଜବାଦ ଓ ତା'ର ବିକାଶର ଧାରାରେ ଏକ ଶୋଷଣହୀନ, ଶ୍ରେଣୀହୀନ, ରାଷ୍ଟ୍ରହୀନ ସାମ୍ୟବାଦୀ ସମାଜ ଗଠନ ଦିଗରେ ଆଗେଇ ଯିବାକୁ ଚାହାନ୍ତି ଏବଂ ସେଥିନିମି ଯଦି କୌଣସି ଅନାବଶ୍ୟକ ବା କୌଣସି ପୂର୍ବ ଧାରଣାର ବଶବର୍ତ୍ତୀ ନହୋଇ ଭଲଭାବେ ବୁଝିବାକୁ ଚେଷ୍ଟା କରନ୍ତି, ତେବେ ଆମର ଧାରଣା, ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ବର୍ତ୍ତମାନ ସମୟରେ, ଲେନିନ୍ ପରବର୍ତ୍ତୀ ସମୟରେ ଏହି 'ସାମ୍ରାଜ୍ୟବାଦ ଏବଂ ସର୍ବହରା ବିପ୍ଳବ ଯୁଗ'ରେ ମାର୍କ୍ସବାଦ-ଲେନିନ୍ବାଦକୁ ବୁଝିବା ଅର୍ଥ କମ୍ରେଡ୍ ଶିବଦାସ ଘୋଷଙ୍କ ବ୍ୟାଖ୍ୟା, ମାର୍କ୍ସବାଦ-ଲେନିନ୍ବାଦର ବ୍ୟାଖ୍ୟାକୁ ବୁଝିବା ଏକାନ୍ତ ଅପରିହାର୍ଯ୍ୟ ପ୍ରୟୋଜନ। ତାଙ୍କରି ଶିକ୍ଷାକୁ ଭିତ୍ତିକରି ସମସାମୟିକ ବିଶ୍ୱ ପରିସ୍ଥିତି, ଦେଶର ପରିସ୍ଥିତି, ପ୍ରତିଟି ରାଜ୍ୟର ବିଶେଷ ପରିସ୍ଥିତିକୁ ବୁଝିବା ପ୍ରୟୋଜନ। କେହି କାହାରି ମନଗଢା ଧାରଣା ଭିତ୍ତିରେ ବୁଝିବା ଉଚିତ୍ ନୁହେଁ। କେବଳ ପାର୍ଟି ବାହାରର ଯେଉଁମାନେ, ସେମାନଙ୍କ କ୍ଷେତ୍ରରେ ଏହି

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ମହାନ ନେତା. . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ମନଗଢା ଧାରଣାର କଥା ମୁଁ କହୁ ନାହିଁ, ବିଶେଷଭାବେ ପାର୍ଟିର ଯେଉଁମାନେ ସଭ୍ୟ, ଆବେଦନକାରୀ ସଭ୍ୟ, ସମର୍ଥକ, ନେତା, କର୍ମୀ, ସେମାନଙ୍କ ପାଇଁ ଏହି ବିଷୟଟିକୁ ମୁଁ ଗୁରୁତ୍ୱର ସହ ଜୋର ଦେଇ କହୁଛି। ପ୍ରତି ମୁହୂର୍ତ୍ତରେ ଆମକୁ ମନେରଖିବାକୁ ହେବ ଯେ, ପ୍ରତିଷ୍ଠିତ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦୀ ବ୍ୟବସ୍ଥା ଭିତରେ ଆମ ମଧ୍ୟରେ ସବୁ ବେଳେ ହିଁ ବ୍ୟକ୍ତିବାଦୀ ଚିନ୍ତା ଦ୍ୱାରା କୌଣସି ବିଷୟ ଓ ପରିସ୍ଥିତିକୁ ବିଚାର ବିଶ୍ଳେଷଣ କରିବାର ପ୍ରବଣତା ଥାଏ। ଏକ Subjective Trend, ବ୍ୟକ୍ତିଗତ ଭାବେ ବିଚାର କରିବାର ପ୍ରବଣତା ସ୍ୱାଭାବିକ ଭାବେ ଆମ ମଧ୍ୟରେ ଥାଏ ଏବଂ ପ୍ରତିଟି ବିଷୟ ସେ ଛୋଟ ହେଉ ବା ବଡ, ସରଳ ହେଉ କି ଜଟିଳ, ସମସ୍ତ ବିଷୟକୁ ଶେଷପର୍ଯ୍ୟନ୍ତ ମାର୍କ୍ସବାଦୀ ବିଜ୍ଞାନ ଭିତ୍ତିରେ ଆମେ ଯଦି ବୁଝିବା ପାଇଁ ଚେଷ୍ଟା ନକରୁ, ତା'ହେଲେ ସେହି ଅବୈଜ୍ଞାନିକ ପ୍ରବଣତା ରହିଯାଏ। ଜଣେ ଯେତେ ବଡ଼ ପଣ୍ଡିତ ବ୍ୟକ୍ତି ହେଲେ ବି ତାଙ୍କର ଚିନ୍ତା ଭାବନା ବାସ୍ତବସମ୍ମତ ବା Objective ନହୋଇ ମନଗଢା ବା Subjective ହେବାକୁ ବାଧ୍ୟ। ବ୍ୟକ୍ତିବାଦୀ ଚିନ୍ତା ଦ୍ୱାରା ପ୍ରଭାବିତ ହେବାକୁ ବାଧ୍ୟ। ପାର୍ଟିର ପ୍ରତ୍ୟେକ ନେତା, ସଂଗଠକ, କର୍ମୀ ପାର୍ଟିର ଯେଉଁ ସ୍ତରରେ ରୁହନ୍ତୁ ନା କାହିଁକି, ଏହି ବିଷୟଟିକୁ ଭଲଭାବେ ବୁଝିବାକୁ ହେବ। ଗୋଟିଏ ପାର୍ଟିକୁ ଗଢିତୋଳିବା, ତାକୁ ରକ୍ଷା କରିବା, ଆହୁରି ଶକ୍ତିଶାଳୀ କରିବା କେବଳ ବ୍ୟକ୍ତିଗତ ଆଙ୍କାକ୍ଷା ଦ୍ୱାରା ସମ୍ଭବ ନୁହେଁ। ଏହା ସଠିକ୍ ଚିନ୍ତା ପ୍ରକ୍ରିୟା ଏବଂ ସଠିକ୍ କର୍ମପଦ୍ଧତି ଉପରେ ନିର୍ଭର କରେ। ଏହି ବିଷୟଟି କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ। ଉକ୍ତ ବିଷୟଟିକୁ କୌଣସି କମ୍ରେଡ୍ ଭୁଲି ଯିବା ଉଚିତ୍ ନୁହେଁ, କୌଣସି ମୁହୂର୍ତ୍ତରେ ବି ଭୁଲିଯିବା ଉଚିତ୍ ନୁହେଁ। ଗୋଟିଏ ଦେଶରେ ଗୋଟିଏ ବିପ୍ଳବୀ ପାର୍ଟି ଗଢି ତୋଳିବା ଅତ୍ୟନ୍ତ କଷ୍ଟକର। କିନ୍ତୁ ମନେରଖିବାକୁ ପଡିବ, ସେହି ବିପ୍ଳବୀ ପାର୍ଟିକୁ ରକ୍ଷା କରିବା ଆହୁରି କଠିନ, ଆହୁରି କଷ୍ଟକର। ଏହି ଶିକ୍ଷା ଲେନିନ୍ ଦେଇଯାଇଛନ୍ତି। ସେଥିପାଇଁ, ପାର୍ଟି ଗଠନର ପ୍ରଥମରୁ ହିଁ କମ୍ରେଡ୍ ଶିବଦାସ ଘୋଷ ମଧ୍ୟ ଏହି ସତର୍କବାଣୀ ତାଙ୍କ ଶିକ୍ଷା ମଧ୍ୟଦେଇ ଆମକୁ ଦେଇଯାଇଛନ୍ତି। କମ୍ରେଡ୍ ଲେନିନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ବଲ୍‌ସେଭିକ୍ ପାର୍ଟି, ଯାହା ପରବର୍ତ୍ତୀ ସମୟରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ସୋଭିଏତ୍ ୟୁନିୟନ୍ ନାମରେ ନାମିତ ହୋଇଥିଲା, ସେହି କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ସୋଭିଏତ୍ ଶ୍ରମିକ ଶ୍ରେଣୀ ସମାଜ ବ୍ୟବସ୍ଥାର ପ୍ରତିଟି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ଘଟାଇଥିଲା। ହେଲେ ଦୁଃଖର ବିଷୟ, ଲେନିନ୍‌ଙ୍କ ଏହି ଶିକ୍ଷାକୁ ସୋଭିଏତ୍ ୟୁନିୟନ୍‌ର କମ୍ୟୁନିଷ୍ଟ ପାର୍ଟି କିନ୍ତୁ ଚିନ୍ତା କ୍ଷେତ୍ରରେ, ଜ୍ଞାନଜଗତ କ୍ଷେତ୍ରରେ, ଚରିତ୍ର ଓ ବିଚାର ପଦ୍ଧତି କ୍ଷେତ୍ରରେ ଅନୁସରଣ ନକରି ପାରିବା ଫଳରେ ଯେଉଁ ଦୁଃଖଜନକ ଓ ମର୍ମାନ୍ତିକ ପରିଣତି ସୃଷ୍ଟି ହେଲା, ତାହା ଆଜି ବିଶ୍ୱର ସମସ୍ତ ଶ୍ରମଜୀବୀ ଜନସାଧାରଣ ବିଶେଷକରି ପ୍ରତ୍ୟେକ କମ୍ୟୁନିଷ୍ଟ ଅନୁଭବ କରୁଛନ୍ତି ଏବଂ ଏହା ଅନୁଭବ କରିବା କଥା। ଏହି ଆତ୍ମସନ୍ତୁଷ୍ଟି ସ୍ରୋତରେ ଆମର ଭାସିଯିବା ଉଚିତ୍ ନୁହେଁ ଯେ, କମ୍ରେଡ୍ ଶିବଦାସ ଘୋଷ ଏଦେଶରେ ଏକ ସଠିକ୍ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟି ଗଢି ତୋଳିଛନ୍ତି, ଆଉ ଅବିଭକ୍ତ ସିପିଆଇ ପରବର୍ତ୍ତୀ ସମୟରେ ବହୁ ପାର୍ଟିରେ ବିଭାଜିତ ହୋଇଯାଇଛି, ସେମାନେ ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି ହିସାବରେ ଗଢି ଉଠି ପାରି ନାହାନ୍ତି, ଅଥଚ, କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱରେ ଏଦେଶରେ ଶ୍ରମଜୀବୀ ଜନସାଧାରଣଙ୍କର ସର୍ବହରା ଶ୍ରେଣୀର ଏକ ସଠିକ୍ ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟି ଗଢି ଉଠିଛି। ଏହି ଆତ୍ମସନ୍ତୁଷ୍ଟି ସ୍ରୋତରେ ନିଜକୁ ଭସେଇ ଦେଲେ ଆମେ ଏହି ପାର୍ଟିର ବିପଦ ଡାକି ଆଣିବୁ କମ୍ରେଡ୍। ଦେଶର ବିପ୍ଳବୀ ରାଜନୀତି ପ୍ରତି ବିପଦ ଡାକି ଆଣିବୁ। ଦେଶର ଶ୍ରମଜୀବୀ ଜନସାଧାରଣଙ୍କର ମୁକ୍ତି ସଂଗ୍ରାମ କ୍ଷେତ୍ରରେ ମଧ୍ୟ ଘୋର ବିପଦ ଡାକି ଆଣିବୁ। ଆଜି ତାଙ୍କର ସ୍ମରଣ ଦିବସରେ ପ୍ରତ୍ୟେକ କମ୍ରେଡ୍‌ଙ୍କୁ, ଆମକୁ ଗଭୀରଭାବେ ସୁକ୍ଷ୍ମାତିସୁକ୍ଷ୍ମଭାବେ ଏକାଗ୍ରତାର ସହିତ ଭାବିବାକୁ ପଡିବ ଯେ ତାଙ୍କର ଶିକ୍ଷାନୁଯାୟୀ ଆମେ ଆମର ଜୀବନ ସଂଗ୍ରାମକୁ ପରିଚାଳିତ କରି ପାରୁଛୁ କି ନାହିଁ। ଯେଉଁଠି ଏହାର ଅଭାବ ରହିଛି, ବା ଯେଉଁ କ୍ଷେତ୍ରରେ ଆମେ ଏହି ସଂଗ୍ରାମ କରୁନୁ ସେଠି ସେହି ତ୍ରୁଟିରୁ ନିଜକୁ ମୁକ୍ତ କରିବା, ସଠିକ୍ ରାସ୍ତାରେ ସଂଗ୍ରାମ ପରିଚାଳିତ କରିବା ହେଉଛି ପ୍ରତ୍ୟେକ ସଚେତନ କମ୍ୟୁନିଷ୍ଟର ଦାୟିତ୍ୱ, କର୍ତ୍ତବ୍ୟ। ଦଳର ରାଜ୍ୟ ସମ୍ପାଦକ, କେନ୍ଦ୍ରୀୟ କମିଟି ସଭ୍ୟ ବା ଦଳର ଯେଉଁ ସ୍ତରର ସେ ନେତା ହୁଅନ୍ତୁ ନା କାହିଁକି, ତାଙ୍କର ପ୍ରତିଟି ବକ୍ତବ୍ୟ, ବିଚାର ବିଶ୍ଳେଷଣକୁ ଅନ୍ଧଭାବେ ନୁହେଁ, ସଚେତନଭାବେ ଗ୍ରହଣ କରିବା ଆବଶ୍ୟକ। ଏହା ମଧ୍ୟ ହୋଇ ପାରେ ଯେ, ସବୁ ବେଳେ ସେହି ବ୍ୟାଖ୍ୟା-ବିଶ୍ଳେଷଣ, ମାର୍କ୍ସବାଦ-ଲେନିନ୍‌ବାଦ, କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଅନୁଯାୟୀ ନ ହୋଇବି ପାରେ। ସେଥିନିମି କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଭିତ୍ତିରେ ନିଜର ରାଜନୈତିକ ଓ ସାଂସ୍କୃତିକ ମାନକୁ କ୍ରମାଗତ ଉନ୍ନତ କରିବାକୁ ହେବ। ଏହାକୁ ହିଁ କୁହାଯାଏ ପାର୍ଟିକୁ ରକ୍ଷା କରିବାର ସଂଗ୍ରାମ।

ଦିନେ ଆମେ ରହିବୁ ନାହିଁ, କିନ୍ତୁ ଶୋଷିତ ଶ୍ରେଣୀର ମୁକ୍ତି ସଂଗ୍ରାମର ଧାରା ଅବ୍ୟାହତ ରହିବ। ଆଉ ଶୋଷିତ ଶ୍ରେଣୀର ମୁକ୍ତି ସଂଗ୍ରାମର ପ୍ରୟୋଜନରେ ହିଁ ତା'ର ବିପ୍ଳବୀ ପାର୍ଟି, ସଠିକ୍ ବିପ୍ଳବୀ ଆଦର୍ଶ ବିକଶିତ ହୋଇ ଚାଲିବ। କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, କେବଳ ସ୍ଲୋଗାନ ଦ୍ୱାରା ପାର୍ଟିର ଶିକ୍ଷା, ପାର୍ଟିର ଚିନ୍ତା ଓ ଜ୍ଞାନର ଯଥାର୍ଥ ସାଧନା ମଧ୍ୟଦେଇ ଜୀବନର ସମସ୍ତ ଦିଗକୁ ବ୍ୟାପ୍ତ କରି, ସଠିକ୍ ବିପ୍ଳବୀ ଆଦର୍ଶକୁ ଭିତ୍ତିକରି ଗଢି ଉଠିଥିବା ସଠିକ୍ ବିପ୍ଳବୀ ପାର୍ଟିକୁ ରକ୍ଷା କରିବା, ଶକ୍ତିଶାଳୀ କରିବା, କ୍ରମାଗତ ସେହି ପାର୍ଟିକୁ ଆଗେଇ ନେଇ ଯିବା ସମ୍ଭବ ନୁହେଁ। ଚେତନାର ସ୍ତରକୁ, ରାଜନୈତିକ ଏବଂ ଆଦର୍ଶଗତ ଚେତନାର ସ୍ତରକୁ ଏବଂ ସାଂସ୍କୃତିକ ମାନକୁ ତଳୁ ଉପର ସ୍ତର ପର୍ଯ୍ୟନ୍ତ ଏବଂ ଉପରୁ ତଳ ସ୍ତର ପର୍ଯ୍ୟନ୍ତ କ୍ରମାଗତ ଉନ୍ନତ ତଥା ଆହୁରି ଉନ୍ନତତର ସ୍ତରକୁ ନେଇ ଯିବା ମଧ୍ୟଦେଇ ପାର୍ଟିକୁ ସଠିକ୍ ଭାବେ ପରିଚାଳିତ କରିବା ସମ୍ଭବ। ତା'ହେଲେ ଯାଇ ଆମେ ପାର୍ଟିକୁ ବିପଥଗାମୀ ହେବାକୁ ଦେବା ନାହିଁ ଏବଂ ନିଜ ଦେଶ ସହ ଦେଶେ ଦେଶେ ସର୍ବହରା ଶ୍ରେଣୀର ସ୍ୱପ୍ନ ସର୍ବହରା ବିପ୍ଳବ ଏବଂ ସାମ୍ୟବାଦ ପ୍ରତିଷ୍ଠାର ସଂଗ୍ରାମକୁ ଆଗେଇ ନେଇ ପାରିବା। ସୋଭିଏତ୍ ୟୁନିୟନ୍‌ରେ ସମାଜବାଦ ଓ ଚୀନ୍‌ରେ ସମାଜବାଦ ଯୋଗୁ ସେ ଦେଶରେ ଜନସାଧାରଣଙ୍କର ଅଭୂତପୂର୍ବ ଅଗ୍ରଗତି ଘଟିଥିଲା। ମୁଖ୍ୟବକ୍ତା କହିଯାଇଛନ୍ତି, ବିଶ୍ୱର ଜନସାଧାରଣ, ସୁନାମଧନ୍ୟ ମାନବତାବାଦୀ ମାନେ ଅକୁଣ୍ଠ ଚିତ୍ତେ ତା'ର ସ୍ୱୀକୃତି ଦେଇଯାଇଛନ୍ତି। କିନ୍ତୁ ସେହି ସ୍ୱୀକୃତି ସମାଜତନ୍ତ୍ରକୁ ରକ୍ଷା କରି ପାରି ନାହିଁ। ସୋଭିଏତ୍ କମ୍ୟୁନିଷ୍ଟ ପାର୍ଟିକୁ ରକ୍ଷା କରି ପାରି ନାହିଁ। ସୋଭିଏତ୍ ରାଷ୍ଟ୍ରକୁ ମଧ୍ୟ ରକ୍ଷା କରି ପାରି ନାହିଁ। ଚୀନ୍ କ୍ଷେତ୍ରରେ ମଧ୍ୟ ସେହି ଏକା କଥା ଘଟିଛି।

ଗଣଆନ୍ଦୋଳନଗୁଡ଼ିକୁ ମଧ୍ୟ ସେହି ଦୃଷ୍ଟିଭଙ୍ଗୀରେ ବିଚାର କରିବା ଦରକାର। କମ୍ରେଡ୍ ଶିବଦାସ ଘୋଷ କହିଯାଇଛନ୍ତି, ଭଲଭାବେ ଶୁଣନ୍ତୁ, ଆନ୍ଦୋଳନ ମାନେ ହିଁ ବିପ୍ଳବ ନୁହେଁ, ବିଦ୍ରୋହ ମାନେ ହିଁ ବିପ୍ଳବ ନୁହେଁ, ବିଦ୍ରୋହ ହେଉଛି ଅସଚେତନ ଜନସାଧାରଣଙ୍କର ପୁଞ୍ଜିଭୂତ କ୍ଷୋଭର ସ୍ୱତଃସ୍ଫୂର୍ତ୍ତ ବିସ୍ଫୋରଣ। ବିପ୍ଳବ ହେଉଛି ସଚେତନ ସଂଗଠିତ ଜନସାଧାରଣଙ୍କର ଦୀର୍ଘସ୍ଥାୟୀ ସଶସ୍ତ୍ର ଗଣ ଅଭ୍ୟୁତଥାନ ମଧ୍ୟଦେଇ ରାଷ୍ଟ୍ର ଓ ଶୋଷଣମୂଳକ ବ୍ୟବସ୍ଥାର ଗୁଣଗତ ପରିବର୍ତ୍ତନ। ଯେତେ ଦିନ ପର୍ଯ୍ୟନ୍ତ ସଠିକ୍ ଆଦର୍ଶ, ସଠିକ୍ ବିପ୍ଳବୀ ନେତୃତ୍ୱ ଦ୍ୱାରା ପରିଚାଳିତ ହୋଇ ସମାଜର ଶ୍ରମଜୀବୀ ଜନସାଧାରଣ ଗୋଟିଏ ଆନ୍ଦୋଳନକୁ ତା'ର ଲକ୍ଷ୍ୟ ସାଧନ ଦିଗରେ ନେଇ ଯାଇ ପାରିବେନି, ସେତେଦିନ ପର୍ଯ୍ୟନ୍ତ ବିଦ୍ରୋହ, ଆନ୍ଦୋଳନ ଯେତେ ମିଲିଟା ହେଉ, ଯେତେ ବ୍ୟାପକ ହେଉ, ତା' କିନ୍ତୁ ବିପ୍ଳବ ଘଟାଇ ପରିବ ନି, ଅର୍ଥାତ୍ ସାମାଜିକ ବ୍ୟବସ୍ଥାର ଗୁଣଗତ ପରିବର୍ତ୍ତନ, ରାଷ୍ଟ୍ରର ଗୁଣଗତ ପରିବର୍ତ୍ତନ କରିପାରିବ ନାହିଁ। ସ୍ୱତଃସ୍ଫୂର୍ତ୍ତ ବିଚ୍ଛିନ୍ନ, ବିକ୍ଷିପ୍ତ ଆନ୍ଦୋଳନ ହେବ, ଯାହା ଆମ ଇଚ୍ଛା ଅନିଚ୍ଛା ଉପରେ ନିର୍ଭର କରୁ ନାହିଁ। ଏହା ସମାଜର ବାସ୍ତବ ପରିସ୍ଥିତି ଉପରେ ନିର୍ଭର କରୁଛି। ଯେଉଁମାନେ ଭାବୁଥିଲେ, ଆମର କମ୍ରେଡ୍‌ମାନେ ମଧ୍ୟ ଅନେକ ସମୟରେ କୁହନ୍ତି, ଲୋକ ବୁଝୁ ନାହାନ୍ତି, ଲୋକ ସବୁ ସୁବିଧାବାଦୀ, ଏ ଲୋକ କିଛି କରି ପାରିବେ ନାହିଁ, ଏଯୁବକମାନେ ଖାଲି ମଦ ନିଶାରେ ବୁଡି ରହିବେ, ଆମେ କିନ୍ତୁ କଣ ଦେଖିଲୁ ? ୨୦୨୦-୨୧ର କୃଷକ ଆନ୍ଦୋଳନରେ ଲକ୍ଷ ଲକ୍ଷ କୃଷକ, ହଜାର ହଜାର କୃଷକ ପରିବାର ସାମିଲ ହେଲେ, ୭୫୦ରୁ ଅଧିକ ଶହୀଦର ମୃତ୍ୟୁବରଣ କଲେ, ଶୀତ, ଖରା, ବର୍ଷା ଭିତରେ ବର୍ଷାଧିକ କାଳ ସଂଗ୍ରାମ କରି ୩ଟି କଳା କୃଷି ଆଇନ୍‌କୁ ପ୍ରତ୍ୟାହାର କରିବା ପାଇଁ ଏକ ଅନମନୀୟ ସରକାରକୁ ବାଧ କଲେ। କିଛି ମାସ ତଳେ ଆମେ କ'ଣ ଦେଖିଲୁ ? ଦିଲ୍ଲୀ, ଏନ୍‌ସିଆର୍, ହରିୟାଣା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ଉତ୍ତରାଖଣ୍ଡ, ପଶ୍ଚିମ ଭାରତର ବିସ୍ତିର୍ଣ୍ଣ ଅଞ୍ଚଳରେ ହଠାତ୍ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଲା। ସେହି ଆନ୍ଦୋଳନରେ ବହୁ ଲଢୁଆ ଶ୍ରମଜୀବୀ ମହିଳା ମଧ୍ୟ ସାମିଲ ହୋଇଥିଲେ। ଏହା ଥିଲା ଏକ ମିଲିଟାଣ୍ଟ ମୁଭମେଣ୍ଟ। ସେହି ଆନ୍ଦୋଳନର ପରିସମାପ୍ତି ଘଟିଲା। ପୁନଶ୍ଚ ଆମେ ଦେଖିଲୁ, ଦିଲ୍ଲୀର କେନ୍ଦ୍ର ବିନ୍ଦୁ ପାର୍ଲିଆମେଣ୍ଟ ଭବନ ପାଖାପାଖି ଜନ୍ତରମନ୍ତରରେ ଛାତ୍ର-ଯୁବକମାନଙ୍କ ବୀରତ୍ୱପୂର୍ଣ୍ଣ ଲଢେଇ। କେହି କେହି କହୁଛନ୍ତି ଲକ୍ଷାଧିକ ଛାତ୍ର-ଯୁବକଙ୍କ ସମାବେଶ। ଏହା ଏକ ମିଲିଟାଣ୍ଟ ଆନ୍ଦୋଳନ, ଯେଉଁ ଲଢେଇକୁ ଅମାନବୀୟ ପଶୁ ଶକ୍ତି ଦ୍ୱାରା ସରକାର ଦବାଇ ପାରିଲା ନାହିଁ କି ଅଟକାଇ ପାରିଲା ନାହିଁ, ଶେଷରେ କିଛି ଦାବି ପୂରଣ କରିବାକୁ ବାଧ ହେଲା।

କେହି କେହି ଆମ ଭିତରେ ଅଛନ୍ତି, ବାହାରେ ତ ଅନେକ ଅଛନ୍ତି, ଯେଉଁମାନେ ଭାବୁଛନ୍ତି, ସୋସାଲ ମିଡିଆ ପ୍ରଚାର ଜରିଆରେ ଦେଶର ବିପ୍ଳବ ହୋଇଯିବ। ଏହାଠାରୁ ଅବୈଜ୍ଞାନିକ, ମାର୍କ୍ସବାଦ ବିରୋଧୀ ଚିନ୍ତା ଆଉ କଣ ଥାଇ ପାରେ। ବିଶ୍ୱ ସାମ୍ରାଜ୍ୟବାଦୀ ଚକ୍ର ଏହିଭଳି ଏକ ସମ୍ପୂର୍ଣ୍ଣ ଅବୈଜ୍ଞାନିକ, ଅଣମାର୍କ୍ସବାଦୀ ଚିନ୍ତା ଭାବନା ଆମ ଭିତରେ ଭିତ୍ତି କରୁଛି। ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ, କ୍ଷୋଭ ଜମା ହୋଇ ରହିଛି। ସୋସାଲ ମିଡିଆରେ ବ୍ୟାପକ ପ୍ରଚାର ଦ୍ୱାରା ହୁଏତ ଏହାକୁ ଭିତ୍ତି କରି କୌଣସି କୌଣସି ସମୟରେ ବିକ୍ଷିପ୍ତ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଗଢି ଉଠିପାରେ, କିନ୍ତୁ ତା'ଦ୍ୱାରା ବିପ୍ଳବ କେବେ ବି ସମ୍ଭବ ନୁହେଁ। କାରଣ ବିପ୍ଳବ କରିବ କିଏ ? ବିପ୍ଳବ କରିବେ ଜନସାଧାରଣ। କେଉଁ ଜନସାଧାରଣ ? ଯେଉଁ ଜନସାଧାରଣ ବିପ୍ଳବ କରିବାର ସଚେତନ, ସଂଗଠିତ ରାଜନୈତିକ ଶକ୍ତିର ଜନ୍ମ ଦେଇ ପାରିବେ। ଗୋଟିଏ ଦେଶରେ ବିପ୍ଳବର ବାସ୍ତବ ପରିସ୍ଥିତି ମହଜୁଦ ରହିଲେ ବି ସେହି ଦେଶର ବିପ୍ଳବ ପାଇଁ ତିନୋଟି ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ପୂରଣ ଅବଶ୍ୟ ପ୍ରୟୋଜନ। ସେହି ବାସ୍ତବ ପରିସ୍ଥିତିରେ ବିପ୍ଳବ ସଂଗଠିତ କରି ସଫଳ କରିବା ପାଇଁ କମ୍ରେଡ୍ ଲେନିନ୍ ଓ କମ୍ରେଡ୍ ଶିବଦାସ ଘୋଷ କହିଥିବା ସେହି ମୂଳ ତିନୋଟି ସର୍ତ୍ତ କ'ଣ ? ସେଗୁଡ଼ିକ ହେଲା, ସଠିକ୍ ବିପ୍ଳବୀ ଆଦର୍ଶ ଅର୍ଥାତ୍ ସଠିକ ମାର୍କ୍ସବାଦୀ-ଲେନିନ୍‌ବାଦୀ ଆଦର୍ଶ, ତାକୁ ଭିତ୍ତିକରି ସଠିକ୍ ବିପ୍ଳବୀ ପାର୍ଟି ଏବଂ ତୃତୀୟଟି ମନେରଖନ୍ତୁ, ଯାହା ବହୁ ସମୟରେ ଅନେକ କମ୍ରେଡ୍ ଭୁଲି ଯା'ନ୍ତି, ତା' ହେଲା, ଜନଗଣଙ୍କର ନିଜସ୍ୱ ରାଜନୈତିକ ଶକ୍ତିର ଜନ୍ମ ଦେବା। ଗୋଟିଏ ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟିର କେତେକ ନେତା, ସଂଗଠକ, କର୍ମୀ, ସମର୍ଥକ ବିପ୍ଳବ କରିଦେବେ, ରାଷ୍ଟ୍ର ବ୍ୟବସ୍ଥାର ପରିବର୍ତ୍ତନ କରି ଦେବେ ଏହି ଧାରଣା ଭୁଲ। ବିପ୍ଳବ କରିବେ, ଜନସାଧାରଣ। ପାର୍ଟି ତା'ର ଅଗ୍ରଗାମୀ ବାହିନୀ ହିସାବରେ ସେମାନଙ୍କୁ ଚିନ୍ତା କ୍ଷେତ୍ରରେ, ସଂଗଠନ ଓ ଗଣଆନ୍ଦୋଳନ କ୍ଷେତ୍ରରେ ରାସ୍ତା ଦେଖାଇବ। ସେଥିପାଇଁ ସେ ଅଗ୍ରଗାମୀ ବାହିନୀ, କିନ୍ତୁ ଯେଉଁ ଜନସାଧାରଣ ବିପ୍ଳବ କରିବେ, ସେମାନଙ୍କର concious and organised political power (ସଚେତନ ଏବଂ ସଂଗଠିତ ରାଜନୈତିକ ଶକ୍ତି) ଯାହା ଦିନେ in the form of soviet (ସୋଭିଏତ୍ ରୂପରେ) ଋଷ ଦେଶରେ ଗଠନ ହୋଇଥିଲା, ତାହା ତ ଗଢିତୋଳିବାକୁ ହେବ। ଏକ ବିପ୍ଳବୀ ପାର୍ଟିର କର୍ମୀମାନଙ୍କର, ସଂଗଠକମାନଙ୍କର ଏହା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ସେଥିପାଇଁ ହିଁ ଜନସାଧାରଣଙ୍କ ମଧ୍ୟରେ ରହିବାକୁ ପଡିବ। କ'ଣ ମୋବାଇଲ ଜରିଆରେ, ସୋସାଲ ମିଡିଆ ଜରିଆରେ କ'ଣ ଏହି କାମଟା କରି ହେବ ? ଜନସାଧାରଣଙ୍କୁ ସଂଗଠିତ କରିବାକୁ ହେଲେ ଜନସାଧାରଣଙ୍କ ଭିତରେ ରହିବାକୁ ହେବ।

ବିପ୍ଳବୀ ସଂଗ୍ରାମକୁ ବିପଥଗାମୀ କରିବା ପାଇଁ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନଙ୍କର ନାନା ଧରଣର ନୂଆ ନୂଆ ଚକ୍ରାନ୍ତ ଚାଲିଛି। ସେହି ଚକ୍ରାନ୍ତ ଭିତରୁ ଗୋଟିଏ ହେଲା, ସୋସାଲ ମିଡିଆ ଜରିଆରେ ବିପ୍ଳବ ହୋଇଯିବ। ଏହି ବିଭ୍ରାନ୍ତିକାରୀ ଚିନ୍ତା ଭାବନାର ପ୍ରଚାର ଆରମ୍ଭ ହୋଇଥିଲା ମୁଖ୍ୟତଃ ଆରବ ସ୍ପ୍ରିଂ, ଆରବ ଆନ୍ଦୋଳନ ସମୟରେ, ଯାହା ଏବେ କ୍ରମଶଃ ସମସ୍ତଙ୍କୁ ଗ୍ରାସ କରୁଛି। ଦୁଃଖର ବିଷୟ, ଆମ ମଧ୍ୟରୁ କେତେକଙ୍କୁ ଏହି ଚିନ୍ତା ଗ୍ରାସ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ଖଣି ଆଇନ ସଂଶୋଧନ ପ୍ରତିବାଦରେ ଯାଜପୁରରେ ବିକ୍ଷୋଭ



କେନ୍ଦ୍ର ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ଖଣି ଓ ଖଣିଜ ସଂଶୋଧନ ଆଇନ (MMDR Amendment Act-2026) ବାତିଲ ଦାବିରେ ୧ ରୁ ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ପାଇଁ ୪ ଟି ବାମପନ୍ଥୀ ଦଳ ର ଆହ୍ୱାନରେ ସେପ୍ଟେମ୍ବର ୨ ତାରିଖ ଯାଜପୁର ଟାଉନଠାରେ ପ୍ରତିବାଦ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଏସ୍ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ତଥା ଜିଲ୍ଲା ସମ୍ପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକ, ଅଚ୍ୟୁତ ପ୍ରଧାନ, କ୍ଷୀରୋଦ କର, ସୁବାଷ ମଲ୍ଲିକ, କେଦାର ନାଥ ସାହୁ, ଜିଲ୍ଲା କମିଟି ସଦସ୍ୟ ରାଧାବଲ୍ଲଭ ମଲ୍ଲିକ, ବୀରକିଶୋର ନାୟକ, ଅଜୟ ସାହୁ,ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ,ମଧୁମିତା ସାହୁ, ଚୈତନ୍ୟ ସାହୁ, ମନୋଜ ସେଠୀ, ଶରତ ବାରିକ, ବ୍ରହ୍ମାନନ୍ଦ ମଲିକ, ଅକ୍ଷୟ ପଣ୍ଡା, ଚୈତନ୍ୟ ମହାରଣା, ବିଜୟ ଜେନା, ମେଘନାଦ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ବଲାଙ୍ଗୀରଠାରେ କନଭେନସନ



ନୂଆ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ଚଳିତ ବର୍ଷ ପୁରୁଣା ବହିରେ ଶିକ୍ଷା ଦାନ ଦାବିରେ ଅଗଷ୍ଟ ୩୦ ତାରିଖରେ ବଲାଙ୍ଗୀର ଯାଦବ ଭବନ ସାରା ଭାରତ ଶିକ୍ଷା ବଂଚାଅ କମିଟି ବଲାଙ୍ଗୀର ଶାଖା ପକ୍ଷରୁ କନଭେନସନ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି ଚଳିତ ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଣୟନ କରାଯାଇଛି । ଏଥିରେ ୩ ହଜାରରୁ ଉର୍ଦ୍ଧ୍ୱ ତ୍ରୁଟି ରହିଛି । ଏହା ସହ ଅନେକ ମୌଳିକ, ଧାରଣାଗତ ତ୍ରୁଟି ମଧ୍ୟ ରହିଛି । ଯାହାକୁ ନେଇ ଅଭିଭାବକ ଓ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାରଙ୍କ ଏହିପରି ସରକାରୀ ଶିକ୍ଷାକୁ ନେଇ ଅବହେଳାକୁ ସମସ୍ତ ମହଲରେ ବିରୋଧ ହୋଇଛି । ଏହି ପରିପ୍ରେକ୍ଷୀରେ ତ୍ରୁଟିଯୁକ୍ତ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବି ନେଇ ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ କନଭେନସନ୍ ଅନୁଷ୍ଠିତ ହୋଇଯାଇଛି । ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ଆସନ୍ତା ସେପ୍ଟେମ୍ବର ୫ ତାରିଖ ଦିନ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦିଆଯିବା ପାଇଁ କନଭେନସନରେ ନିଷ୍ପତ୍ତି ନିଆଯାଇଛି । ଏହି କନଭେନସନରେ ସାରା ଭାରତ ଶିକ୍ଷା ବଂଚାଅ କମିଟି ଓଡ଼ିଶା ଶାଖାର ରାଜ୍ୟ ସମ୍ପାଦକ ସୁବାସ ନାୟକଙ୍କ ସହ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶିକ୍ଷକ, ଅଭିଭାବକ, ଶିକ୍ଷାପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ ।

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଆଲୋଚନା ଚକ୍ର



ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ ଅଗଷ୍ଟ ୧୬ ତାରିଖରେ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, କିଶୋରନଗର ଶାଖା ପକ୍ଷରୁ ଛାତ୍ର, ଶିକ୍ଷକ, ଅଭିଭାବକ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ସ୍ଥାନୀୟ ଯାଇରାଟଠାରେ ଅନୁଷ୍ଠିତ ହୋଇଯାଇଛି । ସାରା ଭାରତ ଶିକ୍ଷା ବଂଚାଅ କମିଟି ର ଜିଲ୍ଲା ଆବାହକ ଚି ରଞ୍ଜନ ମେଣ୍ଟୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସାରାଭରତ ଶିକ୍ଷା ବଂଚାଅ କମିଟିର ରାଜ୍ୟ ଉପସଭାପତି ରାଜେନ୍ଦ୍ର ବର୍ମା ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ କେବଳ ଏକ ସାଧାରଣ ଭୁଲ୍ ନୁହେଁ,ଏହା ଏକ ଗୁରୁତର ଅପରାଧ ବୋଲି ପ୍ରକାଶ କରିଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପ୍ରଣୟନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଆଗାମୀ ବଂଶଧର ମାନଙ୍କୁ ମାନସିକ ଭାବେ ପଙ୍ଗୁ ଓ ଦାସରେ ପରିଣତ କରିବ । ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ପୁରୁଣା ବହିରେ ପାଠପଢ଼ା ଆରମ୍ଭ କରିବା ପାଇଁ ସେ ଦାବି କରିଥିଲେ । ଏଥିରେ ସାରା ଭାରତ ଶିକ୍ଷା ବଂଚାଅ କମିଟି କିଶୋରନଗରର ଆବାହକ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, କିଶୋରୀ ଚରଣ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

ବାଲେଶ୍ୱର ଜିଲ୍ଲାରେ ରିଲିଫ ଓ ମେଡିକାଲ କ୍ୟାମ୍ପ





ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇ ମେଡିକାଲ ସର୍ଭିସ ସେ ର, ଓଡିଶା ରାଜ୍ୟ କମିଟି ତରଫରୁ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର କାସିମିଲା ଗ୍ରାମରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସଂଗେ ସଂଗେ ବନ୍ୟା ଜନିତ ସଂକ୍ରମକ ରୋଗର ଉପଚାର ପାଇଁ ସ୍ୱାସ୍ଥ୍ୟ ପରାମର୍ଶ ଦିଆ ଯାଇଥିଲା । ଏହି ଶିବିରର ପରିଚାଳନା କରିଥିଲେ ମେଡିକାଲ ସର୍ଭିସ ସେ ରର ରାଜ୍ୟ ସମ୍ପାଦକ ଡକ୍ଟର ପ୍ରାଞ୍ଜ ଅନିର୍ବାଣ, ଡକ୍ଟର ସଂଗ୍ରାମ ବ୍ରହ୍ମ, ଡକ୍ଟର ସଞ୍ଜୟ ମଲ୍ଲିକଙ୍କ ସମେତ ୧୨ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ । ଭୋଗରାଇ ବ୍ଲକର ମହାଗବ ଓ ହଳଦୀମାଳ ଗ୍ରାମରେ ବନ୍ୟା ପୀଡିତ ମାନଙ୍କୁ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଓ ଏଆଇଡିଏସ୍ଓ ତରଫରୁ ମଧ୍ୟ ଶୁଖିଲା ଖାଦ୍ୟ ବ ନ କରାଯାଇଥିଲା । ଭୋଗରାଇ ଆଂଚଳିକ କମିଟି ସମ୍ପାଦକ କମ୍ରେଡ୍ କ୍ରିଷ୍ଣାରାଣୀ ସାହୁ, ସଦସ୍ୟ ସସ୍ମିତା ମହାନ୍ତ, ଏଆଇଡଏସଓ ଜିଲ୍ଲା ସଭାପତି କମ୍ରେଡ୍ ହରେକୃଷ୍ଣ ଦାସ ପ୍ରମୁଖ ରଲିଫ କ୍ୟାମ୍ପକୁ ପରଚାଳନା କରିଥିଲେ । ବାଲେଶ୍ୱର ସହରତଳି ଚୂନଭାଟି, ନେଳିଆବାଗ ଓ ଅକ୍ତିଆରପୁର ବସ୍ତିରେ ମଧ୍ୟ ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା ସମ୍ପାଦକ କମ୍ରେଡ୍ ପ୍ରଶାନ୍ତ ଦାସ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଦସ୍ୟ କମ୍ରେଡ ରବୀନ୍ଦ୍ର ନାଥ ବେହେରା ଉମାକାନ୍ତ ଦାସ ଏବଂ ବହୁ ସଂଖ୍ୟାର ଛାତ୍ର ଛାତ୍ରୀ ମାନେ ରିଲିଫ କ୍ୟାମ୍ପରେ ଯୋଗ ଦେଇ ଅସହାୟ ଲୋକମାନଙ୍କୁ ଚୁଡା ମୁଢି ଶୁଖିଲା ଖାଦ୍ୟ ବ ନ କରିଥିଲେ ।

କିଶନନଗରଠାରେ ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋଚନା ସଭା



ଅଗଷ୍ଟ ୩୦ ତାରିଖରେ କଟକ ଜିଲ୍ଲାର କିଶନ ନଗର ଠାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଆଂଚଳିକ କମିଟି ଉଦ୍ୟୋଗରେ ସାଂପ୍ରତିକ ପରିସ୍ଥିତି ସଂପର୍କରେ ଏକ ଦିବସୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଓ ଅଫିସ ସଂପାଦକ ଖଗେଶ୍ୱର ସେଠୀ ଆଲୋଚକ ଭାବରେ ଯୋଗଦେଇଥିଲେ । ଜିଲ୍ଲା କମିଟି ସଦସ୍ୟ ତଥା ଆଂଚଳିକ କମିଟି ସମ୍ପାଦକ କମ୍ରେଡ୍ ରାଜକିଶୋର ମଲ୍ଲିକ ପ୍ରାରମ୍ଭିକ ସୂଚନା ଦେଇଥିଲେ ।

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଢେଙ୍କାନାଳଠାରେ ଶିକ୍ଷା କନ୍‌ଭେନସନ୍



ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଚଳିତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରି ଚଳିତ ଶିକ୍ଷା ବର୍ଷ ପାଇଁ ଗତ ବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ବିଜ୍ଞାନସମ୍ମତ, ଯୁକ୍ତିସଂଗତ ଓ ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା, ବିଦ୍ୟାଳୟ ସ୍ତରରେ ମାତୃଭାଷା ଓ ଇଂରାଜୀ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା, ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଗତ ୩୦ ଅଗଷ୍ଟ ଦିନ ପ୍ରୋଗ୍ରେସିଭ ଷ୍ଟୁଡେ ସ ଫୋରମ୍ ପକ୍ଷରୁ ଢେଙ୍କାନାଳ ସ୍ଥିତ ବିପ୍ଳବୀ ସାରଙ୍ଗଧର ଦାସ ପାଠାଗାର ଠାରେ ଏକ ଶିକ୍ଷା କନଭେନସନ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ଦେବୀପ୍ରସାଦ ଦାଶ ଏହି କନଭେନସନ୍‌ରେ ସଭାପତିତ୍ୱ କରିଥିଲେ । ଏଆଇଡିଏସଓ, ଓଡ଼ିଶା ରାଜ୍ୟ ପରିଷଦର ଉପସଭାପତି ଭାଗ୍ୟରବି ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏଆଇଡିଏସଓର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଶିକ୍ଷକ ନେତା ବିଭୂତି ସାମଲ, ଶିକ୍ଷାବିତ୍ ଅଶ୍ୱିନୀ ରାୟ, ଚତୁର୍ଭୁଜ ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଗାମୀ ଦିନରେ ଏହି ଶିକ୍ଷା ସମସ୍ୟାର ସମାଧାନ ପାଇଁ ତୃଣମୂଳସ୍ତରରେ ଛାତ୍ରଛାତ୍ରୀ ତଥା ବୃହ ର ଜନସାଧାରଣଙ୍କୁ ସଂଗଠିତ କରି ଦୃଢ଼ ପ୍ରତିବାଦ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

କଳାମାଟିଆ ଶହୀଦ ପୀଠକୁ ଏଆଇଡିଓ୍ୱାଇଓ ପକ୍ଷରୁ ମଟର ସାଇକେଲ ଶୋଭାଯାତ୍ରା



ଏଆଇଡିଓ୍ୱାଇଓ ଯାଜପୁର ଜିଲ୍ଲା କମିଟି ଉଦ୍ୟୋଗରେ ୨୫ଅଗଷ୍ଟ ଦିନ ଯାଜପୁର ଜିଲ୍ଲାର ରକ୍ତତୀର୍ଥ ବରୀ କଳାମାଟିଆ ଶହୀଦ୍ ପୀଠକୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଏକ ମଟର ସାଇକେଲ ଶୋଭାଯାତ୍ରା ଶିବା ଛକଠାରୁ ବାହାରି କଳାମାଟିଆ ଶହୀଦ ପୀଠରେ ପହ୍ ଥିଲା। ଶୋଭାଯାତ୍ରାକାରୀ ମାନେ ବରୀ ମାଉଣ୍ଡଠାରେ ଥିବା ଶହୀଦ ସାଉଁଟି,ସାନନ୍ଦ, ହାଡିବନ୍ଧୁ ଓ ମାୟାଧରଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ଜିଲ୍ଲା ସଭାପତି ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ସଭାରେ ଏଆଇଡିଓ୍ୱାଇଓର ରାଜ୍ୟ ସମ୍ପାଦକ କମ୍ରେଡ୍ କେଦାରନାଥ ସାହୁ ବକ୍ତବ୍ୟ ରଖିଥିଲେ। ଏହାପରେ ଶୋଭାଯାତ୍ରା କଳାମାଟିଆ ଶହୀଦ ପୀଠ ଅଭିମୁଖେ ଯାତ୍ରା କରିଥିଲା। ଶହୀଦ ପୀଠରେ ଅନୁଷ୍ଠିତ ସ୍ମୃତି ସଭାରେ କଳାମାଟିଆ ଶହୀଦ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁରପ୍ରସାଦ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଏଆଇଡିଓ୍ୱାଇଓ ରାଜ୍ୟ ଉପ ସଭାପତି ଶରତ ବାରିକ ଓ ଅଭିମନ୍ୟୁ ମଲ୍ଲିକ, ଏଆଇଡିଓ୍ୱାଇଓ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କିଶୋର ମଲ୍ଲିକ, ମାନଗୋବିନ୍ଦ ସାହୁ, ଗଗନ ବିହାରୀ ମଲ୍ଲିକ, ସନ୍ତୋଷ ଲେଙ୍କା କୁଳମଣି ପରିଡ଼ା, ପ୍ରଶାନ୍ତ ମଲ୍ଲିକ,କବି ସେଠୀ, ପ୍ରଫୁଲ୍ଲ ମଲ୍ଲିକ, ତୁଷାର ମଲ୍ଲିକ, ବ୍ରଜକିଶୋର ମଲ୍ଲିକ ବିକ୍ରମ ଦାସ, ନିମାଇଁ ମଲ୍ଲିକଙ୍କ ସମେତ ଅଂଚଳର ବହୁ ଯୁବକ ସଭାରେ ଅଂଶ ଗ୍ରହଣ କରିଥିଲେ। ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଅଜୟ ସାହୁ ମଧ୍ୟ ଶହୀଦ୍ ବେଦୀରେ ମାଲ୍ୟ ଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ରାଉରକେଲାରେ ଜଳବନ୍ଦୀ ସମସ୍ୟା ଓ କ୍ଷତିପୂରଣ ଦାବିରେ ବିକ୍ଷୋଭ



ରାଉରକେଲା। ମହାନଗରନିଗମର ବିଭିନ୍ନ ଅଂଚଳରେ ହୋଇଥିବା ମନୁଷ୍ୟକୃତ ଜଳବନ୍ଦୀ ଓ ସେଥିପାଇଁ ଲୋକଙ୍କର ଦୁର୍ଦ୍ଦଶା ଏବଂ କ୍ଷୟକ୍ଷତିକୁ ନେଇ ଏସୟୁସିଆଇ (କମ୍ୟୁନିଷ୍ଟ) ରାଉରକେଲା ସିଭିଲ ଟାଉନ୍‌ସିପ କମିଟି ତରଫରୁ ମହାନଗର ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ନିଗମର କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟିର ଜିଲ୍ଲା କମିଟି ସମ୍ପାଦକ କମ୍ରେଡ ଅଜିତ ନାୟକ, ସିଭିଲ ଟାଉନ୍‌ସିପ କମିଟିର ସମ୍ପାଦକ କମ୍ରେଡ୍ ବିଷ୍ଣୁ ପଣ୍ଡା, କ୍ଷେତ୍ରବାସୀ ସେଠୀ,ବିଜୟ ସାହୁ, ବିରେନ ନାଏକ, ବିଦ୍ୟୁତ ମହନ୍ତ, କବିତା ମହାନ୍ତି, ରଶ୍ମିରଞ୍ଜନ ମଲ୍ଲିକ, କ୍ରିଷ୍ଣ ଶର୍ମା ପ୍ରମୁଖ ପାର୍ଟିର ସଦସ୍ୟଙ୍କ ସମେତ ଡେଲିମାର୍କେଟର ବାସିନ୍ଦା ଓ ମହିଳା ମାନେ ଏହି ବିକ୍ଷୋଭରେ ଯୋଗଦେଇଥିଲେ। ଗତ ଅଗଷ୍ଟ୧୩ ଓ ୧୪ ତାରିଖ ସନ୍ଧ୍ୟାରେ ହୋଇଥିବା ପ୍ରବଳ ବର୍ଷାରେ ଜଳ ନିଷ୍କାସନ ହୋଇନପାରି ଡ୍ରେନର ପଙ୍କ ଓ କଚଡ଼ା ପାଣି ଲୋକଙ୍କ ଘରେ ପଶି ନାହିଁନଥିବା କ୍ଷୟକ୍ଷତି କରିଛି। ଆସବାସ ପତ୍ର, ଖାଦ୍ୟସାମଗ୍ରୀ ନଷ୍ଟ ହୋଇଛି। ଫ୍ରିଜ ଓ ପାଣି ମଟର ଭଳି ମୂଲ୍ୟବାନ ସାମଗ୍ରୀ ସବୁ ନଷ୍ଟ ହୋଇଯାଇଛି। ଡ୍ରେନ ଅବରୋଧ ଓ ମହାନଗର ନିଗମ ପକ୍ଷରୁ ବର୍ଷା ପୂର୍ବରୁ ଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନଯିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅବିଳମ୍ବେ ଡ୍ରେନକୁ ସଫା କରିବା, ଡ୍ରେନକୁ ଜବରଦଖଲ ମୁକ୍ତ କରିବା, ପ୍ରୟୋଜନ ଅନୁଯାୟୀ ନୂତନ ଡ୍ରେନ ନିର୍ମାଣ କରିବା, କ୍ଷତିଗ୍ରସ୍ତ ଅଞ୍ଚଳରେ ସର୍ଭେ କରି କ୍ଷତିପୂରଣ ପ୍ରଦାନ, ପ୍ରତିଷେଧକ ବ୍ୟବସ୍ଥା ଯଥା ବ୍ଲିଚିଂ ପାଉଡ଼ର ସିଞ୍ଚନ, ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଆନ୍ଦୋଳନକାରୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି।

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନେତା କମ୍ରେଡ୍ ହରିହର ଟପ୍ପୋଙ୍କ ସ୍ମୃତିସଭା



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା କମିଟି ଓ ବାମରା ବ୍ଲକ ଆଞ୍ଚଳିକ ସାଂଗଠନିକ କମିଟିର ବରିଷ୍ଠ ସଦସ୍ୟ ଏବଂ ନିର୍ମାଣ ଶ୍ରମିକ ସଂଗଠନ ବାମରା ବ୍ଲକ କମିଟିର ସମ୍ପାଦକ କମ୍ରେଡ୍ ହରିହର ଟପ୍ପୋଙ୍କ ସ୍ମୃତି ସଭା ୨୩ ଅଗଷ୍ଟ ଦିନ କୁଟାରୀମାଳ ଗ୍ରାମପଂଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ତଥା ଏସୟୁସିଆଇ(କମ୍ୟୁନିଷ୍ଟ) ବାମରା ବ୍ଲକ ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ୍ ଲକ୍ଷ୍ମୀନାରାୟଣ ଛତ୍ରିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ବାମରା ବ୍ଲକର ବିଭିନ୍ନ ଗ୍ରାମରୁ ପାର୍ଟି ଓ ଗଣ ସଂଗଠନର କର୍ମକ ି ଓ ତାଙ୍କର ଅନୁଗାମୀ ଶ୍ରମିକ, ଚାଷୀ ଓ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରୟାତ ହରିହର ଟପ୍ପୋଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପାର୍ଟି ରାଜ୍ୟ କମିଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଛବି ମହାନ୍ତି ଓ ଏଆଇକେକେଏମ୍‌ଏସ ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସ ଙ୍କ ପକ୍ଷରୁ ପ୍ରେରିତ ଲିଖିତ ଶୋକ ବା ି ସୁନ୍ଦରଗଡ଼ ଜିଲ୍ଲା କମିଟି ସଦସ୍ୟ ତଥା ଶ୍ରମିକ ନେତା କମ୍ରେଡ୍ ବିଷ୍ଣୁ ପଣ୍ଡା ପାଠ କରିଥିଲେ। କମ୍ରେଡ ଜଷ୍ଟିନ ଲୁଗୁନ, ମମତା ମହାନନ୍ଦ, ଖଗେଶ୍ୱର ବିଶ୍ୱାଳ, ବିକ୍ରମ ଟପ୍ପୋ, ପରମାନନ୍ଦ ମିଞ୍ଜ, ଗଣେଷ ମାଝୀ, ନୃପମଣି ମାଝୀ, ମୁକୁନ୍ଦ ନାଏକ, ସୁବାସ ମେହେର ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟ ପୁସ୍ତକ ଯୋଗାଇଦେବା ଦାବିରେ ଗଣଧାରଣା



ଚଳିତ ଶିକ୍ଷା ବର୍ଷର ଚାରି ମାସ ବିତି ଯାଇଥିଲେ ମଧ୍ୟ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇ ନାହିଁ। ଯାହାଫଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀ ଭୁଲ୍ ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ବିଜ୍ଞାନ ସମ୍ମତ ନିର୍ଭୁଲ ପାଠ୍ୟ ପୁସ୍ତକ ଯୋଗାଇ ଦେବା ଦାବିରେ ଅଗଷ୍ଟ ୧୯ ତାରିଖରେ ସାରା ଭାରତ ଶିକ୍ଷା ବଂଚାଅ କମିଟି କିଶୋରନଗର ପକ୍ଷରୁ ବ୍ଲକ୍ ଅଫିସ ସମ୍ମୁଖରେ ଶିକ୍ଷକ, ବୁଦ୍ଧିଜୀବୀ,ଅଭିଭାବକ ମାନଙ୍କୁ ନେଇ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ଶିକ୍ଷା ବଂଚାଅ କମିଟି, କିଶୋରନଗର ବ୍ଲକ ଆବାହକ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ବେହେରା ଙ୍କ ସଭାପତିତ୍ୱରେ ଧାରଣା ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ତ୍ରୈଲୋକ୍ୟ ପ୍ରଧାନ, ଚି ରଂଜନ ମେଣ୍ଟୁଲି, ଅକ୍ଷୟ କୁମାର ବାରିକ, ବସନ୍ତ କୁମାର ସ୍ୱାଇଁ, ଶଶିଭୂଷଣ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, ଅଭିଭାବକ ବିଜୟ ଲୁହା, ରମଣୀ ରଞ୍ଜନ ପ୍ରଧାନ, ବସୁମତୀ ସାହୁ, ଜିଲ୍ଲା ଆବାହକ ବ୍ରଜବନ୍ଧୁ ସାହୁ, ଅନିରୁଦ୍ଧ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କର ଚଳିତ ଶିକ୍ଷା ବର୍ଷ ପାଇ ଗତ ବର୍ଷର ପାଠ୍ୟ ପୁସ୍ତକରେ ଶିକ୍ଷାଦାନ କରିବା, ତ୍ରୁଟି ସଂଶୋଧନ ନୁହେଁ, ବିଜ୍ଞାନ ସମ୍ମତ, ଯୁକ୍ତିସଙ୍ଗତ, ମୌଳିକ ଧାରଣା ଭି ିକ ବିଷୟବସ୍ତୁ ଥାଇ ନିର୍ଭୁଲ ପାଠ୍ୟ ପୁସ୍ତକ ଯୋଗାଇ ଦେବା, ବିଷୟ ଭି ିକ ବିଶେଷଜ୍ଞ ମାନଙ୍କୁ ନେଇ ବୋର୍ଡ ଗଠନ କରି ସେହି ବୋର୍ଡକୁ ପାଠ୍ୟ ପୁସ୍ତକ ଲେଖିବା ଦାୟିତ୍ୱ ଦେବା, ବିଦ୍ୟାଳୟ ସ୍ତରରେ ମାତୃଭାଷା ଓ ଇଂରେଜୀ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପ୍ରଭୃତି ୫ ଦଫା ସମ୍ବଳିତ ଦାବି ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଅନୁପସ୍ଥିତିରେ ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ଯୁଦ୍ଧକାଳୀନ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସ୍ୱେଚ୍ଛାସେବୀ ମାନେ ବନ୍ୟାଞ୍ଚଳରେ ଖାଦ୍ୟ, ପାନୀୟ ଜଳ ଓ ଚିକିତ୍ସା ସୁବିଧା ପହଞ୍ଚାଇବା ପାଇଁ ସାଧ୍ୟ ମତେ ପ୍ରଚେଷ୍ଟା କରୁଛନ୍ତି।

ଏହି ପରିସ୍ଥିତିରେ ଅଗଷ୍ଟ ୨୬ ତାରିଖରେ ପାର୍ଟି ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ୟା ବିପନ୍ନ ଜନସାଧାରଣଙ୍କ ପାଇଁ ଅତି କମରେ ଏକ ମାସ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ପାନୀୟଜଳ ଯୋଗାଇବା ସହିତ ମେଡିକାଲ ସୁବିଧା ଓ ପଶୁ ଖାଦ୍ୟ ଅଗ୍ରାଧିକାର ଭି ିରେ ଯୋଗାଇବା ପାଇଁ ଦାବି କରାଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ ଏକର ପିଛା ଅନୁନ୍ୟ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବା, ମୂଲିଆ ମାନଙ୍କୁ ନିୟମିତ କାମ ଯୋଗାଇ ଦେବା, ଘାଇ ଗୁଡିକୁ ଯୁଦ୍ଧକାଳୀନ ଭି ିରେ ମରାମତି କରିବା, ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦୀର୍ଘ ମିଆଦି ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ସହିତ ସହର ମାନଙ୍କରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ଦୃଢ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଆହୁରି କୁହାଯାଇଛି ଯେ, ସ୍ୱାଧୀନତାର ୮୦ ବର୍ଷ ବିତିଛି, କେନ୍ଦ୍ର ଓ ରାଜ୍ୟରେ ସରକାର ପରେ ସରକାର ପରିବ ର୍ତ୍ତନ ହୋଇଛି କିନ୍ତୁ ଆଜିବି ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇ ନାହିଁ ।

ଏହି ସାମ୍ବାଦିକ ସମ୍ମିଳନୀକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ଅଫିସ ସମ୍ପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକ, ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ସଦାଶିବ ଦାସ, କମ୍ରେଡ୍ ବିଶ୍ୱାବସୁ ଦାସ ଓ ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମ୍ବୋଧିତ କରିଥିଲେ। ଉପରୋକ୍ତ ଦାବିରେ ଅଗଷ୍ଟ ୨୯ ତାରିଖରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଦାବିରେ ପାର୍ଟି ପକ୍ଷରୁ ଜିଲ୍ଲା ସ୍ତରରେ ଆନ୍ଦୋଳନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଥିଲା ★★★

ସଂଶୋଧିତ ଖଣି . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଦ୍ରବ୍ୟ ଉତ୍ତୋଳନ ପାଇଁ ଖଣି ମାଲିକ ମାନଙ୍କୁ ଲିଜ ମିଳିଥିବ ତା ଅପେକ୍ଷା ଅଧିକ ଜାଗାରୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଆଇନରେ ଏହି ସଂଶୋଧନ ଖଣି ମାଲିକ ମାନଙ୍କୁ ଅବାଧ ସୁଯୋଗ ଦେଇଛି । ଏପରି ବ୍ୟବସ୍ଥା ଖଣି ମାଲିକମାନଙ୍କୁ ଅତିରିକ୍ତ ଖଣି ଅଂଚଳ ଦଖଲ କରିବାର ସୁଯୋଗ ଦେବ ଏବଂ ଜଙ୍ଗଲ, ଜମି ଓ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉପରେ ଚାପ ବଢ଼ାଇବ । ଜଙ୍ଗଲ ଅଧିକାର ଆଇନ, ପେଶା ଓ ସିଡୁଲ୍ ଅଂଚଳ ଆଇନକୁ ମଧ୍ୟ ଅକାମୀ କରିବ । ଏଥିସହ ଗୁରୁତ୍ୱପୂର୍ଣ୍ଣ ଓ ଭବିଷ୍ୟତରେ ଆବଶ୍ୟକ କ୍ରିଟିକାଲ ଖଣିଜ ଉତ୍ତୋଳନ ଓ ବିକ୍ରି କ୍ଷେତ୍ରରେ ମଧ୍ୟ ଏକଚାଟିଆ ପୁଞ୍ଜିପତି ମାନଙ୍କୁ ଅନେକ ରିହାତି ଦିଆଯାଇଛି । କ୍ରିଟିକାଲ ମିନେରାଲ (Critical Minerals) ହେଉଛି ସେହିସବୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି (Green Energy), ପ୍ରତିରକ୍ଷା କ୍ଷେତ୍ରରେ ଏକାନ୍ତ ଅପରିହାର୍ଯ୍ୟ । ଇଲେକ୍ଟ୍ରିକ ବାହନ (EV), ସୋଲାର ପ୍ୟାନେଲ, ସେମିକଣ୍ଡକ୍ଟର, ମୋବାଇଲ ଫୋନ, ଏବଂ ପବନ ଚାଳିତ ଟରବାଇନ ତିଆରି ପାଇଁ ଏହି କ୍ରିଟିକାଲ ମିନେରାଲ ବ୍ୟବହୃତ ହୁଏ । ଓଡିଶାରେ ନିକେଲ, କୋବାଲ୍ଟ, ବିରଳ ମୃତ୍ତିକା, ଟାଇଟାନିୟମ, ଜିରକୋନିଅମ୍, ଗ୍ରାଫାଇଟ , ଲିଥିଅମ, ଭାନାଡିଅମ୍ ଓ କ୍ରୋମାଇଟ୍ ପ୍ରମୁଖ କ୍ରିଟିକାଲ ମିନେରାଲ ଉପଲବ୍ଧ । ଏସବୁ କ୍ରିଟିକାଲ ମିନେରାଲ ର ଉତ୍ତୋଳନ ଓ କାରବାର ପୂର୍ବରୁ କେବଳ ସରକାର କରୁଥିଲେ । ମାତ୍ର ବର୍ତ୍ତମାନ ଏ କ୍ଷେତ୍ରରେ ଘରୋଇ କମ୍ପାନୀ ମାନଙ୍କୁ ପ୍ରବେଶ ସୁଯୋଗ ଦେଇ ସମ୍ପୃକ୍ତ କମ୍ପାନୀ ମାନଙ୍କୁ ଲାଭ ଲୁଟ୍ ପାଇଁ ରାସ୍ତା ଖୋଲି ଦିଆଗଲା ।

ଉପର ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ସଂଶୋଧିତ ଖଣି ଆଇନ ଅଧିକରୁ ଅଧିକ ଦ୍ରୁତ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ଖୋଲା ବଜାରରେ ତାର ବିକ୍ରୟ ପାଇଁ କେନ୍ଦ୍ର ସରକାର ଜରିଆରେ ଘରୋଇ କଂପାନୀ ମାନଙ୍କୁ ନିରଙ୍କୁଶ ଅଧିକାର ପ୍ରଦାନ କରିଛି । ଆହୁରି ମଧ୍ୟ ରାଜ୍ୟ ମାନଙ୍କୁ ଖଣି ଓ ଖଣିଜ ଦ୍ରବ୍ୟ ଉପଲବ୍ଧ ଥିବା ଜମି ଉପରେ ପୂର୍ବରୁ ଥିବା ଅଧିକାରରୁ ସମ୍ପୂର୍ଣ୍ଣ ବଂଚିତ କରି ସମଗ୍ର ବ୍ୟବସ୍ଥାର ଫାସିବାଦି କେନ୍ଦ୍ରୀକରଣ କରିଛି । ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ ଓଡ଼ିଶାର ବକ୍ସାଇଟ୍, ଲୁହାପଥର, କ୍ରୋମାଇଟ୍, ମାଙ୍ଗାନିଜ୍ ଓ କୋଇଲା ଭଳି ଖଣିଜ ସମ୍ପଦ ଏକଚାଟିଆ ପୁଞ୍ଜିପତି ମାନଙ୍କର ବ୍ୟାପକ ମୁନାଫା ବୃଦ୍ଧି ଘଟାଇଛି କିନ୍ତୁ ଖଣି ଅଂଚଳର ଲୋକେ ଏହା ବଦଳରେ କେବଳ ଜମି ହରାଇବା ସଙ୍ଗେ ସଙ୍ଗେ ବିସ୍ଥାପନ, ଜଙ୍ଗଲ ନଷ୍ଟ, ଜଳ ସ୍ରୋତର ଅବକ୍ଷୟ, ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଇଛନ୍ତି । ବର୍ତ୍ତମାନର ଏହି ସଂଶୋଧିତ ଆଇନ ଦ୍ୱାରା ପରିସ୍ଥିତି ଆହୁରି ବିଷମ ହେବ ଏବଂ ଦେଶର ସମସ୍ତ ଖଣିଜ ସମ୍ପଦ ଉପରେ ଏକଚାଟିଆ ପୁଞ୍ଜିପତି ମାନଙ୍କର ଏକଚାଟିଆ ଅଧିକାର ପ୍ରତିଷ୍ଠିତ ହେବ ।

ଏହିଭଳି ଏକ ଉଦ୍‌ବେଗଜନକ ପରିସ୍ଥିତିରେ ସଂଶୋଧିତ ଖଣି ଆଇନ, ୨୦୨୬ ପ୍ରତ୍ୟାହାର କରିବା,ରାଜ୍ୟମାନଙ୍କ ଖଣିଜ ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷିତ କରିବା, ଓଡ଼ିଶା ସମେତ ଖଣିଜ ସମ୍ପଦଶାଳୀ ରାଜ୍ୟମାନଙ୍କ ବକେୟା ରାଜସ୍ୱ ଆଦାୟର ଅଧିକାର ସୁରକ୍ଷିତ କରିବା,କ୍ୟାପ୍ଟିଭ୍ ଖଣିର ଖଣିଜକୁ ବାଣିଜ୍ୟକ ବିକ୍ରି କରିବା ନୀତିକୁ ବାତିଲ କରିବା, ଖଣି ଅଂଚଳ ବିସ୍ତାରରେ ଗ୍ରାମସଭା, ଆଦିବାସୀ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମସ୍ତ ସୁରକ୍ଷା ବଳବତ୍ତର ରଖିବା, ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକାର ଅଧିକାର ସୁରକ୍ଷିତ ରଖିବା, ନୂଆ ଖଣି ଖୋଲିବା ଉପରେ ରୋକ ଲଗାଇ ପୂର୍ବରୁ ଖୋଲାଯାଇଥିବା ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରିବା ଦାବିରେ ଚାରିଟି ବାମପନ୍ଥୀ ଦଳ, ଏସୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମ.ଏଲ) ରେଡ୍ ଷ୍ଟାର, ସିପିଆଇ(ଏମ୍.ଏଲ)ନ୍ୟୁ ଡେମୋକ୍ରେସି ଓ ସିପିଆଇ(ଏମ୍.ଏଲ) ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନରେ କର୍ମସୂଚୀ ଘୋଷଣା କରାଯାଇଛି । ଏହି ଉଦ୍ଦେଶ୍ୟରେ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଅଗଷ୍ଟ ୨୪ ତାରିଖରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ମିଳିତ ପ୍ରଚାର କାର୍ଯ୍ୟକ୍ରମ ଓ ୧୦ ତାରିଖରେ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ବ୍ଲକ୍ ଓ ଜିଲ୍ଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରିବାପାଇଁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ, ରାଜ୍ୟ ଅଫିସ ସମ୍ପାଦିକା କମ୍ରେଡ୍ ସ୍ୱୟଂପ୍ରଭା ନାୟକ ଓ ବିଶ୍ୱାବସୁ ଦାସ, ସିପିଆଇ(ଏମ୍.ଏଲ) - ରେଡ୍ ଷ୍ଟାର୍ ପକ୍ଷରୁ କମ୍ରେଡ୍ ପ୍ରମିଳା ଓ ସିପିଆଇ - (ଏମ୍.ଏଲ) ପକ୍ଷରୁ କମ୍ରେଡ ଶ୍ରୀକାନ୍ତ ମହାନ୍ତି ଯୋଗଦେଇଥିଲେ । ★★★

ମହାନ ନେତା. . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

କରିଛି । ବହୁ ଭଲ କମ୍ରେଡ୍ ଅଛନ୍ତି ଯେଉଁମାନେ Other Wise Good, ଘର ଛାଡିଛନ୍ତି, କ୍ୟାରିୟର ଛାଡିଛନ୍ତି, ସମ୍ପତ୍ତିର ମୋହ ହୁଏତ କିଛିଟା ଛାଡିଛନ୍ତି, କିନ୍ତୁ ସେମାନେ ଏହି ବିଭ୍ରାନ୍ତିମୂଳକ ପ୍ରଚାରରେ Victim(ଶୀକାର) । ବିଶ୍ୱ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀମାନେ ଏହି ପ୍ରତାରଣାମୂଳକ ଶିକ୍ଷା ଦେଇ ଚାଲିଛନ୍ତି ଯେ, ସୋସାଲ ମିଡିଆରେ କ୍ୟାମ୍ପେନିଂ ମଧ୍ୟ ଦେଇ ବିପ୍ଳବ ହୋଇଯିବ । ଏହା ମାର୍କ୍ସବାଦ ସମ୍ମତ ନୁହେଁ । ଏହି କଥା କଣ ଆମ ପାର୍ଟି ନେତୃତ୍ୱ କହୁଛନ୍ତି ? ପାର୍ଟିର କେନ୍ଦ୍ରୀୟ କମିଟି ବା ସାଧାରଣ ସମ୍ପାଦକ କଣ କହୁଛନ୍ତି ଯେ ସୋସାଲ ମିଡିଆ କ୍ୟାମ୍ପେନିଂ ଜରିଆରେ ବିପ୍ଳବ ହୋଇଯିବ ? ତା'ହେଲେ ନିଜର ନିଜସ୍ୱ ବିଚାର ଓ Subjective ଚିନ୍ତା ଭାବନା ନେଇ ଚାଲିବା ଉଚିତ୍ କି ? ଏହି ଭୁଲ ଚିନ୍ତା ଭାବନାର ପ୍ରଚାର ପ୍ରସାର ପାର୍ଟି ଭିତରେ ବା ପାର୍ଟି ବାହାରେ କାହାରି କରିବା ଉଚିତ୍ ନୁହେଁ । ସାମ୍ପ୍ରତିକ ଆନ୍ଦୋଳନଗୁଡ଼ିକର ଅଭୂତପୂର୍ବ ସଫଳତାକୁ ଗର୍ବର ସହିତ, ଗୌରବର ସହିତ ସ୍ୱୀକାର କରି ଏହି ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ କହିବି ।

ପୁଣି କିଛି କହୁଛନ୍ତି, ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଦୀର୍ଘ ୭୮ ବର୍ଷ ଧରି ସଂଗ୍ରାମ କରୁଛି । ହେଲେ ଗୋଟିଏ କକ୍ରୋଚ ପାର୍ଟି, କକ୍ରୋଚ ଜନତା ପାର୍ଟି ଦୁଇ ମାସ ଭିତରେ ପପୁଲାର ହୋଇଗଲା । ହ୍ୱାଟ ଏ ମିରାକଲ ! ଆମେ କ'ଣ କରୁଛୁ ? କେଉଁମାନେ ଏହି ପ୍ରଚାର କରୁଛନ୍ତି ? ଯେଉଁମାନେ ମାର୍କ୍ସବାଦ-ଲେନିନ୍‌ବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା-ଶିକ୍ଷାର ଚର୍ଚ୍ଚା କରୁ ନାହାନ୍ତି । ଏହି ପ୍ରଚାର ଯଦି ଦଳର ଯେକୌଣସି ସ୍ତରର ନେତାମାନେ କରନ୍ତି, ତା'ହେଲେ ଦଳର କର୍ମୀ ଓ ଜନସାଧାରଣ ଭୁଲ ରାସ୍ତାରେ ପରିଚାଳିତ ହେବେ ଏବଂ ଦଳର କର୍ମୀମାନେ ମାସ ଲାଇଫ୍‌ରୁ ବିଚ୍ଛିନ୍ନ ହେବେ । ଜନଗଣଙ୍କ ନିଜସ୍ୱ ରାଜନୈତିକ ଶକ୍ତି ଜନ୍ମ ଦେବା କ୍ଷେତ୍ରରେ ସେମାନେ ବିଫଳ ହେବେ । ଯାହା ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ତିଷ୍ଠି ରହିବା କ୍ଷେତ୍ରରେ ସହାୟକ ହେବ । ଏହି କଥା ଏହି ବଡ ସଭାରେ ହିଁ କହୁଛି, କାରଣ, ବହୁ କଷ୍ଟରେ ସଂଗ୍ରାମ ମଧ୍ୟଦେଇ ଗଢି ଉଠିଥିବା ଏହି ବିପ୍ଳବୀ ପାର୍ଟିକୁ ବିପଥଗାମୀ ହେବା ରାସ୍ତାରୁ ରକ୍ଷା କରିବାକୁ ହେବ ।

ଆଉ ଗୋଟିଏ ଭୁଲ ଓ ବିଭ୍ରାନ୍ତିମୂଳକ ଚିନ୍ତାର ପ୍ରଚାର ଚାଲିଛି । ତା' କ'ଣ ? ଆନ୍ଦୋଳନ କରୁ କରୁ କୁଆଡେ ବିପ୍ଳବ ହୋଇଯିବ । ମାର୍କ୍ସବାଦ ଗୋଟିଏ ବିଜ୍ଞାନ । ବିଜ୍ଞାନ ସର୍ବ କ୍ଷେତ୍ରରେ ସ୍ୱତଃସ୍ଫୂର୍ତ୍ତତାର ତତ୍ତ୍ୱକୁ ପରିହାର କରେ, ଖାରଜ କରେ । ବିଜ୍ଞାନର କୌଣସି ଆବିଷ୍କାର ସ୍ୱତଃସ୍ଫୂର୍ତ୍ତଭାବେ ହୋଇନି । କାର୍ଯ୍ୟକାରଣ ସମ୍ପର୍କର ନିୟମରେ ଏହା ପରିଚାଳିତ । ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ମଧ୍ୟ ସ୍ୱତଃସ୍ଫୂର୍ତ୍ତଭାବେ ହୋଇ ନାହିଁ କି ହେବ ନାହିଁ । ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଆମେ ଚାହୁଁ ବା ନଚାହୁଁ ହେବ । ମୁଁ ପୂର୍ବରୁ କହିଛି, ଗୋଟିଏ ବିଶେଷ ଅବସ୍ଥା ପର୍ଯ୍ୟନ୍ତ ହେବ । କିନ୍ତୁ ଜନଗଣଙ୍କ ରାଜନୈତିକ ଶକ୍ତିର ଜନ୍ମ ନଦେଇ, ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ କରୁ କରୁ ହିଁ ବିପ୍ଳବ ହୋଇ ଯିବ, ଏହାଠାରୁ ଭ୍ରାନ୍ତ ଚିନ୍ତା ଆଉ କ'ଣ ଥାଇପାରେ । ମାର୍କ୍ସବାଦ ଓ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଏହି ସ୍ୱତଃସ୍ଫୂର୍ତ୍ତତାର ତତ୍ତ୍ୱକୁ ଆବର୍ଜନାରେ ନିକ୍ଷେପ କରିବାକୁ କହିଛି । ଆଜି ନୁହେଁ, ବହୁ ପୂର୍ବରୁ ହିଁ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀମାନେ ସମାଜ ବିପ୍ଳବ ଗଢି ତୋଳିବା କ୍ଷେତ୍ରରେ ଏହି Theory of Spontaneity ବା ସ୍ୱତଃସ୍ଫୂର୍ତ୍ତତାର ତତ୍ତ୍ୱ ଆଣିଥିଲେ । ଯାହାର ପରିଣତିରେ ଲାଟିନ୍ ଆମେରିକାର ଅନେକ ଦେଶରେ ବହୁ ସଂଗ୍ରାମ ତା'ର ଆକାଂକ୍ଷିତ ଲକ୍ଷ୍ୟରେ ନ ପହଂଚି ବିଫଳ ହୋଇଥିଲା । ଏପରିକି ଏହି ତତ୍ତ୍ୱ ବି ଆସିଥିଲା ଯେ, ଗୋଟଏ ଆନ୍ଦୋଳନ ବା ମିଲିଟାଣ୍ଟ ଆନ୍ଦୋଳନ ସଂଗଠିତ କରିବା ପାଇଁ, ବିପ୍ଳବୀ ପାର୍ଟି ଗଠନ ପାଇଁ ଏତେ କଠିନ ସଂଗ୍ରାମର ପ୍ରୟୋଜନ ନାହିଁ । ଏକ ସଠିକ୍ ବିପ୍ଳବୀ ପାର୍ଟି ନରହିଲେ ବି ବିପ୍ଳବ ହୋଇଯିବ । ନିର୍ମମ ଶୋଷଣରେ ଅତିଷ୍ଠ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତଭାବେ ବିପ୍ଳବ କରିଦେବେ ଆଉ, ଏହି ଆନ୍ଦୋଳନ କରୁ କରୁ ହିଁ ଗୋଟିଏ ବିପ୍ଳବୀ ପାର୍ଟିର ଜନ୍ମ ହୋଇ ଯିବ । ମାର୍କ୍ସବାଦ ଗୋଟିଏ ବିଜ୍ଞାନ । ସ୍ୱତଃସ୍ଫୂର୍ତ୍ତତାର ତତ୍ତ୍ୱକୁ ଦର୍ଶନଗତ ଭାବେ କୁହାଯାଏ metaphysical philosophy, ଏକ ଭାବବାଦୀ ଦର୍ଶନ । ଏହାର ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ ସହିତ, ମାର୍କ୍ସବାଦ ସହିତ କୌଣସି ସମ୍ପର୍କ ନାହିଁ ।

କମ୍ରେଡ୍ ଶିବଦାସ ଘୋଷଙ୍କ ଏହି ସ୍ମରଣ ଦିବସରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଆଜିର ମୁଖ୍ୟ ବକ୍ତା, ମୋର ସିନିୟର ଲିଡର କମ୍ରେଡ୍ ସ୍ୱପନ୍ ଘୋଷ କହିଛନ୍ତି । ଭାଷାଗତ ଅସୁବିଧା ଯୋଗୁ ହୁଏତ ସମସ୍ତେ ସମ୍ପୂର୍ଣ୍ଣଭାବେ ବୁଝି ପାରି ନଥିବେ । ପୁଣି ଅନେକେ ହୁଏତ ବୁଝିଥିବେ । ବର୍ତ୍ତମାନ ଭାରତବର୍ଷର ପରିସ୍ଥିତି ସମ୍ପର୍କରେ କମ୍ରେଡ୍ ସ୍ୱପନ ଘୋଷ କହିଛନ୍ତି । ୧୯୭୪ ମସିହାରେ କମ୍ରେଡ୍ ଶିବଦାସ ଘୋଷ କହିଥିଲେ, ଭାରତବର୍ଷରେ ବିପ୍ଳବର ବାସ୍ତବ ପରିସ୍ଥିତି ମହଜୁଦ, ତାଙ୍କରି ଭାଷାରେ, 'ବିପ୍ଳବର ଗୋଳା ବାରୁଦ ପ୍ରସ୍ତୁତ, କିନ୍ତୁ ନାହିଁ କ'ଣ ? ନାହିଁ, ସଠିକ ବିପ୍ଳବୀ ଆଦର୍ଶକୁ ଭିତ୍ତିକରି ଉପଯୁକ୍ତ ଶକ୍ତିସମ୍ପନ୍ନ ଏକ ବିପ୍ଳବୀ ପାର୍ଟି ।' ଆଉ ବିପ୍ଳବୀ ପାର୍ଟିକୁ ଗଢିତୋଳିବା ପାଇଁ କଣ ଦରକାର, ପ୍ରୟାତ ପଲିଟବ୍ୟୁରୋ ସଭ୍ୟ କମ୍ରେଡ୍ ସୁବୋଧ ବାନାର୍ଜୀଙ୍କ ଶୋକ ସଭାରେ ଏବଂ ଅନ୍ୟାନ୍ୟ ବହୁ ସ୍ଥାନରେ ସେ ସେହି ଆଲୋଚନା କରିଛନ୍ତି । ପାର୍ଟିର ଶକ୍ତି ବୃଦ୍ଧିର ଅର୍ଥ କେବଳ ଏହା ନୁହେଁ ଯେ, ପାର୍ଟିର ସଭ୍ୟ ସଂଖ୍ୟା ବଢୁଛି, ଆବେଦନକାରୀ ସଭ୍ୟ ସଂଖ୍ୟା ବଢୁଛି, ସମର୍ଥକଙ୍କ ସଂଖ୍ୟା ବଢୁଛି । ଏହାକୁ ହିଁ କେବଳ ପାର୍ଟିର ଶକ୍ତି ବୃଦ୍ଧି କୁହାଯାଏ ନା । କିମ୍ବା ବିଭିନ୍ନ ରାଜ୍ୟରେ ପାର୍ଟିର ବିଭିନ୍ନ ଶାଖା ପ୍ରଶାଖା, ଗଢି ଉଠିଛି । ସଂଗଠନ ଗଢି ଉଠୁଛି, କେବଳ ତାହା ହିଁ ପାର୍ଟିର ଶକ୍ତି ବୃଦ୍ଧି ନୁହେଁ । ଏହି 'କେବଳ' କଥାଟି ମନେରଖିବେ । 'କେବଳ' କଥାଟିକୁ ବାଦ ଦେବେ ନି । ତା' ମଧ୍ୟ ପାର୍ଟିର ଶକ୍ତି ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । କେବଳ ତା' ନୁହେଁ, ଏହା ସହିତ ପାର୍ଟିର ଶକ୍ତି ବୃଦ୍ଧି ଅର୍ଥ, ଅଗ୍ରଣୀ ବାହିନୀ ହିସାବରେ ପାର୍ଟି ଜନଗଣଙ୍କ ମଧ୍ୟରେ ରାଜନୈତିକ ଚେତନା ଭିତ୍ତିରେ ସେମାନଙ୍କର ରାଜନୈତିକ କ୍ଷମତା କେତେ ଗଢି ତୋଳି ପାରୁଛି, ବିପ୍ଳବୀ ପାର୍ଟିର ଶକ୍ତି ବୃଦ୍ଧି ଏହି ବିଷୟଟି ସହିତ ଅଙ୍ଗାଙ୍ଗୀଭାବେ ଯୁକ୍ତ ଆମେ କେତେଦୂର ଏହା କରିପାରିଛୁ । ଏହା ଆମକୁ ଭାବିବାକୁ ହେବ ।

ମୁଖ୍ୟ ବକ୍ତା କମ୍ରେଡ୍ ଶିବଦାସ ଘୋଷଙ୍କ ଏକ ଉକ୍ତି ଅବତାରଣା କରି ଯେଉଁ କଥାଟି କହିଯାଇଛନ୍ତି, ଏହି କାମଟି ଯଦି ଆମେ ପାଂଚ ବର୍ଷ ଭିତରେ କରି ଦେଉ, ତା'ହେଲେ ପାଂଚ ବର୍ଷ ଭିତରେ ଏହି ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାର ଧ୍ୱଂସ ହେବ । ସମାଜବାଦ ପ୍ରତିଷ୍ଠା ହେବ । ଆମେ ଯଦି ଦୀର୍ଘସୂତ୍ରୀ ଭାବେ କରୁ, ତା' ହେଲେ ତା'ର ଫଳ ମଧ୍ୟ ସେମିତି ହେବ ।

କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଭିତ୍ତିରେ ଅର୍ଥାତ୍ ମାର୍କ୍ସବାଦୀ ବିଜ୍ଞାନର ଆଧାରରେ ଆମେ ଆମର ଜୀବନ ସଂଗ୍ରାମକୁ ସଠିକ୍ ରାସ୍ତାରେ ଗଢି ତୋଳିବା ପାଇଁ ଆଜିର ଏହି ସ୍ମରଣ ସଭାରୁ ଆମେ ସମସ୍ତେ ସଂକଳ୍ପ ନେଇ ଫେରିଯିବା । ପାର୍ଟି ଆନ୍ଦୋଳନ, ସାମାଜିକ ଆନ୍ଦୋଳନ, ରାଜନୈତିକ ଆନ୍ଦୋଳନ, ଆଦର୍ଶଗତ ଆନ୍ଦୋଳନକୁ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଭିତ୍ତିରେ ସଠିକ୍ ରାସ୍ତାରେ ପ୍ରବାହିତ କରିବା ଯଦ୍ଦ୍ୱାରା କି ଭାରତବର୍ଷର ବିପ୍ଳବ କେବଳ ଏକ ସ୍ୱପ୍ନ ହୋଇ ରହିବନି, ଏକ କଳ୍ପନା ହୋଇ ରହିବନି, ତା' ବାସ୍ତବ ରୂପ ନେବ । ଏହି କଥା କହି ସମସ୍ତଙ୍କୁ ବିପ୍ଳବୀ ଅଭିନନ୍ଦନ ଜ୍ଞାପନ କରି ମୋର ବକ୍ତବ୍ୟ ଶେଷ କରୁଛି ।

କମ୍ରେଡ୍ ଶିବଦାସ ଘୋଷ ଲାଲ୍‌ସଲାମ୍
ଏସ୍ୟୁସିଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ

★★★

ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ ଚିନିଦର ଆକାଶ ଛୁଆଁ

ଆଜି ଭାରତରେ ସାଧାରଣ ଲୋକଙ୍କ ପାଇଁ ଚିନିର ସ୍ୱାଦ ଆଉ ମିଠା ନୁହେଁ, ପିତା। ବିଶେଷ କରି ଓଡିଶା ଭଳି ରାଜ୍ୟରେ ଏହା ଉତ୍କଟ ପିତା। ମାତ୍ର ଅଳ୍ପ ଦିନ ମଧ୍ୟରେ ଚିନି ଦର ୪୦ ଟଙ୍କାରୁ ୬୫ ଟଙ୍କା ଏବଂ ସ୍ଥଳ ବିଶେଷରେ ୭୫ ଟଙ୍କା ଛୁଇଁଲାଣି। ଆଗକୁ ପାର୍ବଣ ଋତୁ। ଯଦି ଏହି ହାରରେ ଦରବୃଦ୍ଧି ଲାଗିରହେ ତେବେ ଚିନି କିଲୋ ୧୦୦ ଟଙ୍କାରେ ପହଂଚି ଯିବାର ବାସ୍ତବ ସମ୍ଭାବନା ରହିଛି। ତେବେ କ'ଣ ପାଇଁ ଏହି ଅହେତୁକ ଦରବୃଦ୍ଧି। ଯେଉଁ ଦେଶ ଅଳ୍ପଦିନ ପୁର୍ବରୁ ବିଦେଶକୁ ଚିନି ରପ୍ତାନୀ କରୁଥିଲା, କ'ଣ ପାଇଁ ସେହି ଦେଶକୁ ବର୍ତମାନ ବିଦେଶରୁ ଚିନି ଆମଦାନି କରିବାକୁ ପଡିଲା ? କାରଣ ଅବଶ୍ୟ ଜଳଜଳ ହୋଇ ଦେଖା ଦେଉଛି।

ଇଥାନଲ୍ ମିଶା ପେଟ୍ରୋଲ

ଗତ କିଛି ବର୍ଷ ହେଲାଣି ପେଟ୍ରୋପଣ୍ୟ ଆମଦାନୀ ଉପରେ ନିର୍ଭରଶୀଳତା କମାଇବାର ଦ୍ୱାହି ଦେଇ କେନ୍ଦ୍ର ବିଜେପି ସରକାର ପେଟ୍ରୋଲରେ ଅଧିକରୁ ଅଧିକ ଇଥାନଲ୍ ମିଶେଇ ଚାଲିଛନ୍ତି। କ୍ରମବର୍ଦ୍ଧମାନ ଇଥାନଲ ଚାହିଦା ମେ ାଇବା ପାଇଁ ଚିନି କଳଗୁଡିକରେ ପେଡା ଯାଉଥିବା ଆଖୁରସରୁ ଚିନି ତିଆରି କରିବା ବଦଳରେ ସେଥିରୁ ବହୁଳାଂଶ ଇଥାନଲ୍ ତିଆରି ପାଇଁ ବ୍ୟବହୃତ ହେଉଛି। ପୁରୁଣା ଚିନିକଳର ଇଥାନଲ୍ ଉତ୍ପାଦନ ଶକ୍ତି ବଢେଇବାକୁ ଓ ନୂଆ ଇଥାନଲ୍ କାରଖାନା ପ୍ରତିଷ୍ଠା କରିବାକୁ ସରକାର ଶିଳ୍ପପତିମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଓ ଅନ୍ୟାନ୍ୟ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ଇଥାନଲ କାରାଖାନା ବସାଇବା ପାଇଁ ସରାକରଙ୍କ ନିର୍ଦ୍ଦେଶରେ ବ୍ୟାଙ୍କ ଗୁଡିକ ଅଳ୍ପ ସୁଧରେ ଶିଳ୍ପପତିମାନଙ୍କୁ ଋଣ ଯୋଗେଇ ଦେଉଛନ୍ତି। ବ୍ୟାଙ୍କ ମାନେ ଛାଡ଼ କରୁଥିବା ଟଙ୍କା ସରକାର ସାଧାରଣ ଲୋକଙ୍କ ଠାରୁ ଆଦାୟ କରାଯାଉଥିବା କର ଟିକସରୁ ବ୍ୟାଙ୍କ ମାନଙ୍କୁ ଭରଣା କରୁଛନ୍ତି। ତା'ଛଡା ସମସ୍ତ ଉତ୍ପାଦିତ ଇଥାନଲ କେମିତି ନିଶ୍ଚିତ ଭାବରେ ବିକ୍ରି ହେବ, ତା ମଧ୍ୟ ସରକାର ନିଶ୍ଚିତ କରିଛନ୍ତି। ବ୍ୟାଙ୍କ, ଶିଳ୍ପପତି ଓ ପେଟ୍ରୋଲିୟମ ବିପଣନ କରୁଥିବା ସରକାରୀ ସଂସ୍ଥା (ଇଣ୍ଡିଆନ୍ ଅଏଲ, ବିପିସିଏଲ୍ ଓ ଏଚପିସିଏଲ୍) ମଧ୍ୟରେ ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି ଯାହା ଅନୁସାରେ ପେଟ୍ରୋଲିୟମ କମ୍ପାନୀ ଗୁଡିକ ଇଥାନଲ୍ ଉତ୍ପାଦନକାରୀ ଶିଳ୍ପପତି ମାନଙ୍କଠାରୁ ନିଶ୍ଚିତ ଭାବରେ ସମସ୍ତ ଉତ୍ପାଦିତ ଇଥାନଲ୍ କିଣିବେ । ଏହା ବ୍ୟତୀତ ପେଟ୍ରୋଲିୟମ କମ୍ପାନୀ ଗୁଡିକ ସିଧାସଳଖ ଇଥାନଲ୍ ବାବଦକୁ ଥିବା ପ୍ରାପ୍ୟକୁ ଋଣ ଦେଇଥିବା ବ୍ୟାଙ୍କ ମାନଙ୍କୁ ପଇଠ କରିବେ। ଶିଳ୍ପପତିମାନେ ଯେଉଁ ଇଥାନଲ୍ ଉତ୍ପାଦନ କରିବେ ତାର ସମ୍ପୂର୍ଣ୍ଣ ବିକ୍ରି ଓ ବ୍ୟାଙ୍କ ମାନଙ୍କର ଋଣର ପରିଶୋଧକୁ ଏହିଭଳି ଭାବରେ ସରକାର ନିଶ୍ଚିତ କରିଛନ୍ତି। ମଝିରେ ଶିଳ୍ପପତିମାନେ ରିହାତି ସୁଧରେ ଋଣ ପାଇ ମାଛ ତେଲରେ ମାଛ ଭାଜିବାର ସୁବିଧା ଅର୍ଜନ କରୁଛନ୍ତି।

ଚାଉଳରୁ ବି ଇଥାନଲ୍

କେବଳ ଆଖୁ ନୁହେଁ, ଚାଉଳ ରୁ ମଧ୍ୟ ଇଥାନଲ୍ ପ୍ରସ୍ତୁତ ହେଉଛି। ସେଥିପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ମଧ୍ୟ ରିହାତି ଦରରେ ଇଥାନଲ୍ କମ୍ପାନୀ ମାନଙ୍କୁ ଚାଉଳ ବିକ୍ରି କରୁଛି। ସରକାର କହୁଛନ୍ତି ଖୁଦ ଓ ଗମରା ଚାଉଳ ଇଥାନଲ୍ କମ୍ପାନୀ ମାନଙ୍କୁ ବିକ୍ରି କରାଯାଉଛି। କିନ୍ତୁ ବିଭିନ୍ନ ଯାଗାରୁ ଯାହା ଖବର ଆସୁଛି, ଦେଖାଯାଉଛି, ଉନ୍ନତ ମାନର ଖାଇବାପାଇଁ ଉପଯୁକ୍ତ ଚାଉଳ ଇଥାନଲ୍ କାରାଖାନା ମାନଙ୍କୁ ଯୋଗେଇ ଦିଆଯାଉଛି, ଏପରିକି ବାଟମାରଣା କରାଯାଇ କ୍ଷୁଦ୍ର ଚାଉଳ ମଧ୍ୟ ଇଥାନଲ୍ କମ୍ପାନୀ ମାନଙ୍କୁ ଯୋଗାଇ ଦିଆଯାଉଛି। ଏ ବ୍ୟବସ୍ଥା ଚାଲୁ ରହିଲେ ଭବିଷ୍ୟତରେ ଦରିଦ୍ର ଜନସାଧାରଣଙ୍କ ଖାଦ୍ୟ ନିରାପ । ଯେ ବିଘ୍ନିତ ହେବ, ସେଥିରେ ସନ୍ଦେହ ନାହିଁ।

ମକାରୁ ଇଥାନଲ

ଇଥାନଲ୍ ଉତ୍ପାଦନ ପାଇଁ ମକା ଅନ୍ୟ ଗୋଟିଏ ଭଲ କଂଚାମାଲ। ଯେଉଁ ଦେଶଗୁଡିକର ଜଳବାୟୁ ଆଖୁଚାଷ ପାଇଁ ଉପଯୋଗୀ ନୁହେଁ, ସେଠି ମକାରୁ ହିଁ ବେଶିଭାଗ ଇଥାନଲ୍ ତିଆରି ହୁଏ। ଆମ ଦେଶରେ ପୂର୍ବରୁ ଉତ୍ପାଦିତ ମକା ମୁଖ୍ୟତଃ ଗୋ ଖାଦ୍ୟ ଓ କୁକୁଡା ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବହୃତ ହେଉଥିଲା। ଇଥାନଲ୍ ଉତ୍ପାଦନ ପାଇଁ ମକା ବ୍ୟବହାରକୁ ପ୍ରୋତ୍ସାହନ ମିଳିବା ପରେ ଦେଶରେ ଉତ୍ପାଦିତ ହେଉଥିବା ବେଶି ଭାଗ ମକା ଇଥାନଲ୍ ଉତ୍ପାଦନରେ ଲାଗୁଛି । ଫଳରେ ଗୋ'ଖାଦ୍ୟ ଓ ବିଶେଷ କରି କୁକୁଡା ଖାଦ୍ୟର ମଧ୍ୟ ଅହେତୁକ ଦରବୃଦ୍ଧି ଘଟିଛି। ଏହାର ପରିଣତିରେ ଅଣ୍ଡା ଓ କୁକୁଡ଼ା ମାଂସର ମଧ୍ୟ ଦରବୃଦ୍ଧି ଘଟିଛି। ଇତି ମଧ୍ୟରେ କୁକୁଡ଼ା ଅଣ୍ଡା ଓ କୁକୁଡ଼ା ମାଂସର ଦରବୃଦ୍ଧି ଘଟିଛି ଓ ନିକଟ ଭବିଷ୍ୟତରେ କୁକୁଡ଼ା ଅଣ୍ଡା ଗୋଟିଏ ୧୫ ଟଙ୍କା ପର୍ଯ୍ୟନ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ସରକାରୀ ତଥ୍ୟ ଅନୁଯାୟୀ ଅଣ୍ଡା ଓ ମାଂସ ଦରବୃଦ୍ଧି ଫଳରେ ସାଧାରଣ ଲୋକଙ୍କର ଖାଦ୍ୟରେ ପୁଷ୍ଟିସାରର ଅନୁପାତ କମିଛି।

ପୂର୍ବରୁ ଦେଶର ଉଠାଣିଆ ଜମିରେ ଯେଉଁ ଚାଷୀମାନେ ଡାଲି ଜାତୀୟ ଶସ୍ୟ ଉତ୍ପାଦନ କରୁଥିଲେ, ସେମାନେ ଦେଖୁଛନ୍ତି ଯେ ମକା ଉତ୍ପାଦନ କଲେ ତା' ଇଥାନଲ୍ କମ୍ପାନୀମାନେ କିଣି ନେଉଛନ୍ତି। ସ୍ୱାଭାବିକ ଭାବରେ ଭବିଷ୍ୟତରେ ଡାଲି ଚାଷୀମାନେ ସେମାନଙ୍କ ଜମିରେ ଡାଲି ଚାଷ ନକରି ମକା ଚାଷ କରିବେ। ଡାଲି ଉତ୍ପାଦନରେ ଏମିତି ଭାରତ ଆତ୍ମନିର୍ଭରଶୀଳ ନୁହେଁ। ଚାଷୀ ଯଦି ଡାଲି ଚାଷରୁ ମୁହଁ ଫେରେଇ ମକା ଚାଷ କରେ, ତେବେ ଏ ଅବସ୍ଥା ଆହୁରି ଉତ୍କଟ ହେବ। ପେଟ୍ରୋ ପଣ୍ୟ ଆମଦାନୀ କମ୍ କରି ବୈଦେଶିକ ମୁଦ୍ରା ସଞ୍ଚୟ କରିବାକୁ ଘୋଷଣା କରିଥିବା କେନ୍ଦ୍ର ବିଜେପି ସରକାର ଅଧିକରୁ ଅଧିକ ଡାଲି ଆମଦାନୀ କରି ବୈଦେଶିକ ମୁଦ୍ରା ଖର୍ଚ୍ଚ କରିବାକୁ ବାଧ ହେବ।

ତେବେ ସରକାର ଏ ପ୍ରକାର ଅବିମୃଶ୍ୟକାରୀ ପଦକ୍ଷେପ କାହିଁକି ନେଉଛନ୍ତି ? ପ୍ରଥମେ ପେଟ୍ରୋଲରେ ୧୦%, ପରେ ୨୦% ଇଥାନଲ୍ ମିଶ୍ରଣ କରାଗଲା। ଏବେ ତା'କୁ ବଢେଇ ୩୦% ଓ ପରେ ଆହୁରି ବେଶି ପରିମାଣର ଇଥାନଲ ମିଶେଇବାର ଯୋଜନା ରହିଛି। ଏପରିକି ରନ୍ଧନ ଗ୍ୟାସ ଓ ସିଏନଜିରେ ମଧ୍ୟ ଇଥାନଲ ମିଶିବ। ଏହା ଫଳରେ କ'ଣ ଦେଶର ପେଟ୍ରୋଲ ଆମଦାନୀ ଉପରେ ନିର୍ଭରଶୀଳତା କମିବ ? ବାସ୍ତବତା ତ ସେଇଆ କହୁନାହିଁ। ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ବେଳେ ଦେଶରେ ଯେଉଁ ଅବସ୍ଥା ସୃଷ୍ଟି ହେଲା, ତା ସରକାରୀ ଯୁକ୍ତିର ଅସାରତାକୁ ଦର୍ଶାଉଛି। ଇଥାନଲ୍ ମିଶ୍ରଣ ଦ୍ୱାରା ଯାନବାହନର ମାଇଲେଜ୍ କମିଛି, ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ବଢିଛି। ଏଥିରେ ଅର୍ଥନୈତିକ ଲାଭ କ'ଣ ହେଉଛି ? ମୁଷ୍ଟିମେୟ ପୁଞ୍ଜିପତି ଓ ବଡ ଚାଷୀଙ୍କ ସ୍ୱାର୍ଥରେ ଯେ ଏହା କରାଯାଉଛି ସେଥିରେ ଆଉ ସନ୍ଦେହ ନାହିଁ। ଚିନି କଳ ଓ ଇଥାନଲ୍ କାରଖାନା ମୁଖ୍ୟତଃ ମହାରାଷ୍ଟ୍ର ଓ ଉ ର ପ୍ରଦେଶ ଭଳି ଦୁଇଟି ବିଜେପି ଶାସିତ ରାଜ୍ୟରେ ଅବସ୍ଥିତ। ଆଖୁ ଚାଷୀମାନେ ପ୍ରାୟତଃ ବଡ ଚାଷୀ। ତେଣୁ ସରକାରୀ ପ୍ରଚାର ଯାହା ହେଉ ନା କାହିଁକି, ଅସଲ ଉଦ୍ଦେଶ୍ୟ ଜଳ ଜଳ କରି ଦେଖାଯାଉଛି।

ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ହନ୍ତସନ୍ତ ଚାଷୀ

ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ ତାରିଖରେ ଶେଷ ହୋଇଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଏହି ଅବଧି ଆଉ ୭ଦିନ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଚଳିତ ବର୍ଷ ଅଗଷ୍ଟ ୬ ତାରିଖରୁ ଧାନ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଫଳରେ ରାଜ୍ୟରେ ଏହି ପଞ୍ଜୀକରଣ ପ୍ରକ୍ରିୟା ସଂପୂର୍ଣ୍ଣ କରିବାକୁ ପୁରା ୧ମାସ ସମୟ ବି ରାଜ୍ୟ ସରକାର ଦେଇନାହାନ୍ତି। ବର୍ତମାନ ରାଜ୍ୟ ବର୍ଷା ଓ ବନ୍ୟାରେ ଉବୁଟୁବୁ ହେଉଛି। ଇତିମଧ୍ୟରେ ରାଜ୍ୟବାସୀ ସପ୍ତମ ବନ୍ୟାର ପ୍ରକୋପ ସାମ୍ନା କରିସାରିଲେଣି। ୨୦ଟି ଜିଲ୍ଲା ଗୁରୁତର ଭାବେ ପ୍ରଭାବିତ। ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଲଗାଣ ବର୍ଷା ଯୋଗୁ କ୍ଷୟକ୍ଷତି ହୋଇଛି। ବନ୍ୟାରେ କେବଳ ଚାଷ ଉଜୁଡି ଯାଇନି, କେତେ ପରିବାର ଉଜୁଡି ଯାଇଛି। ବିଷଧର ସାପ, କୁମ୍ଭୀର ମଧ୍ୟ କେତେ ଲୋକଙ୍କ ଜୀବନ ନେଲାଣି। ପୁଣି ବର୍ଷା ଯୋଗୁ ହାତୀ, ବାରହା, ଭାଲୁ ଜଙ୍ଗଲରୁ ଜନବସତି ମୁହାଁ ହେବା ଯୋଗୁ ବି କେତେ ଲୋକଙ୍କର ଦୟନୀୟ ମୃତ୍ୟୁ ହେଲାଣି। ମାସାଧିକ କାଳ ଲୋକ ପାଣି ଘେରରେ ମୁଠାଏ ଖାଦ୍ୟ ଓ ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ସମୁଦ୍ରକୁ ଶଙ୍ଖେ ଭଳି ମିଳିଥିବା ରିଲିଫ କେନ୍ଦ୍ରରୁ ମୁଠାଏ ଚୁଡା, ଖଣ୍ଡିଏ ବିସ୍କୁଟ ଆଣିବାକୁ ଯାଇ କେହି କେହି ସର୍ପ ଦର୍ଶନର ଶୀକାର ହେଉଛନ୍ତି। ଜଣେ ୧୧ ବର୍ଷର ପିଲା ରିଲିଫ କେନ୍ଦ୍ରରୁ ସାମାନ୍ୟ ରିଲିଫ ନେଇ ଆସିଲାବେଳେ ନଡିଆ ପଡି ମୁଣ୍ଡ ଆଘାତ ହେବା ଓ ପରେ ଚିକିତ୍ସା ବିନା ମୃତ୍ୟୁ ହେବା ଭଳି ହୃଦୟବିଦାରକ ଖବର ସବୁ ସମ୍ବାଦ ମାଧ୍ୟମରେ ପ୍ରକାଶିତ ହେଉଛି। ଗୋଟିଏ କଥାରେ କହିଲେ, ବର୍ତମାନ ରାଜ୍ୟରେ ଅତି ଉଦ୍‌ବେଗଜନକ ପରିସ୍ଥିତି। ଏଭଳି ପରିସ୍ଥିତିରେ ଲୋକଙ୍କର ସରକାର ବୋଲାଉଥିବା ରାଜ୍ୟର ବିଜେପି ସରକାର ବିଭିନ୍ନ ଅମାନବୀୟ ନୀତି ଓ ଯୋଜନା ମାଧ୍ୟମରେ ଲୋକଙ୍କ ଉପରେ ଆହୁରି ଦାଉ ସାଜୁଛନ୍ତି। ସେଥି ମଧ୍ୟରୁ ଗୋଟିଏ ହେଲା ମାତ୍ର ୨୭ଦିନ ଭିତରେ ଅନ-ଲାଇନ ମାଧ୍ୟମରେ ଧାନ ପଞ୍ଜୀକରଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଜାରି କରିବା।

ସାରା ରାଜ୍ୟରେ କିଭଳି ଇ ରନେଟ୍ ସମସ୍ୟା ତା'ତ ସମସ୍ତଙ୍କୁ ଜଣା। ପଞ୍ଜୀକରଣ କରିବା ପାଇଁ ଚଷୀ ତଥା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ଆଖିରେ ନିଦ ନାହିଁ। ସମସ୍ତେ ଆତଙ୍କିତ। ଦିନ ବେଳା ଟିକେ ବି ନେଟ ନାହିଁ। ଲୋକ କହୁଛନ୍ତି, ଖାଲି କ'ଣ ଘୁରୁଛି ? ଫଳରେ ରାତି ସାରା ନେଟ ଥିବା ସ୍ଥାନରେ ଲୋକଙ୍କ ଭୀଷଣ ଭିଡ। ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି, ପଡୋଶୀ ଛତିଶଗଡ ରାଜ୍ୟରେ ୪ମାସ ସମୟ ଦିଆଯାଇଥିବା ବେଳେ ବନ୍ୟା ପ୍ରଭାବିତ ଓଡିଶାରେ ମାସେରୁ ବି କମ ସମୟ କାହିଁକି ଦିଆଯାଇଛି ? ଚାଷୀମାନଙ୍କୁ କାଟିବା ପାଇଁ ଭିତିରି ଷଡଯନ୍ତ୍ର ହୋଇ ନାହିଁ ତ ? ବିଭିନ୍ନ ଆଡୁ ଦାବି ଉଠିବା ପରେ ସରକାର ଏହି ଅବଧିକୁ ମାତ୍ର ୭ଦିନ ବୃଦ୍ଧି କରିଛନ୍ତି। ନିଜେ ମନ୍ତ୍ରୀ କହିଛନ୍ତି, ଗତ ବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ଘୋଷିତ ଅବଧି ଅର୍ଥାତ୍ ଅଗଷ୍ଟ ୩୧ ସୁଦ୍ଧା ପ୍ରାୟ ୧୭ ଲକ୍ଷ ଚାଷୀ ପଞ୍ଜୀକରଣ କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ପ୍ରାୟ ୩ ଲକ୍ଷ ଚାଷୀ ଗତବର୍ଷ ତୁଳନାରେ କମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ମଧ୍ୟ ବହୁ ଯୋଗ୍ୟ ଚାଷୀ ପଞ୍ଜୀକରଣ କରିପାରି ନଥିଲେ। ଆଉ ୭ଦିନ ମଧ୍ୟରେ ଯେ ଏହି ପ୍ରକ୍ରିୟା ପ୍ରକୃତରେ ସଂପୂର୍ଣ୍ଣ ହେବ ନାହିଁ ତା' ମଧ୍ୟ ଜଳ ଜଳ ଦେଖାଯାଉଛି। ଅନ୍ୟଦିଗରେ ଭାଗଚାଷୀଙ୍କ ଅବସ୍ଥା ଖୁବ୍ ଖରାପ। ସ୍ୱତନ୍ତ୍ର ଆପ ଜରିଆରେ ସେମାନଙ୍କୁ ପଞ୍ଜୀକରଣ କରି ସେମାନଙ୍କ ପାଖରୁ ଧାନକ୍ରୟ କରିବା ଓ କ୍ଷୟକ୍ଷତିର କ୍ଷତିପୂରଣ ଯୋଗାଇବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ଯେ ପ୍ରତାରଣା ଥିଲା ତା'ମଧ୍ୟ ପ୍ରମାଣିତ ହୋଇଯାଇଛି। ପ୍ରକୃତରେ କେତେ କମ ସଂଖ୍ୟକ ଚାଷୀମାନଙ୍କ ପାଖରୁ କେତେ କମ ପରିମାଣର ଧାନକ୍ରୟ କରାଯିବ, ତା'ରି ବୋଧେ ସରକାରୀ ସ୍ତରରେ ଭିତିରି ଷଡଯନ୍ତ୍ର ହୋଇଛି। ନହେଲେ ନିଜେ ମନ୍ତ୍ରୀ କହିଛନ୍ତି, କେତେକ ସ୍ଥାନରେ ନେଟୱାର୍କ ସମସ୍ୟା ରହିଛି। ଏ ସଂକ୍ରାନ୍ତରେ ବୈଷୟିକ ଟିମ୍ ସହିତ ଆଲୋଚନା ହୋଇଛି। ଖୁବଶୀଘ୍ର ଏହି ସମସ୍ୟା ଦୂର ହେବ। ତେବେ କେବେ ଦୂର ହେବ, ସେ ସଂପର୍କରେ ନିର୍ଦ୍ଦିଷ୍ଟଭାବେ କିଛି କହି ନାହାନ୍ତି। କିନ୍ତୁ ପଞ୍ଜୀକରଣ ଅବଧି ନିର୍ଦ୍ଦିଷ୍ଟ ଭାବେ ୭ଦିନ ହିଁ ବୃଦ୍ଧି କରିଛନ୍ତି।

ଏ ସମସ୍ତ ଘଟଣାକୁ ବିଚାରକୁ ନେଲେ ଏହି ଷଡଯନ୍ତ୍ର ସ୍ପଷ୍ଟ ବୁଝାପଡୁଛି। ତେଣୁ ଏ ସରକାର ଯେ ଲୋକମାନଙ୍କ ସରକାର ନୁହେଁ, ଅସାଧୁ ମିଲ ମାଲିକ, ବ୍ୟବସାୟୀମାନଙ୍କର ସରକାର, ତା ବୁଝିବାରେ ଲୋକଙ୍କର ଆଉ ଅସୁବିଧା ହେବା କଥା ନୁହେଁ। ★★★

Regd.No-ORI ORI/2011/37220 ● VOL. NO. 13, ISSUE NO. 31 ● ମୂଲ୍ୟ-୫ଟଙ୍କା

ସ୍କୁଲ ପାଠ୍ୟ ପୁସ୍ତକ ସଙ୍କଟ ଦୂର କରିବା ଦାବିରେ ଅଭିଭାବକ ସମାବେଶ



ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଗୁଡିକରେ ଅସଂଖ୍ୟ ଗୁରୁତର ତ୍ରୁଟି ସହ ଅବୈଜ୍ଞାନିକ, ଅଯୌକ୍ତିକ ଓ ମୌଳିକ ଧାରଣା ବିହୀନ ବିଷୟବସ୍ତୁକୁ ସ୍ଥାନ ଦିଆଯାଇଛି । ସଂଶୋଧିତ ଓ ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବା ପରିବର୍ତ୍ତେ ସେହି ତ୍ରୁଟିପୂର୍ଣ୍ଣ ବହି ପଢିବା ପାଇଁ ସରକାର ପିଲାମାନଙ୍କୁ ବାଧ କରିଛନ୍ତି । ଏହାଦ୍ୱାରା ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସରକାର ନଷ୍ଟ କରୁଛନ୍ତି । ଏହା ସଙ୍ଗେସଙ୍ଗେ କୋମଳମତି ଶିଶୁ ମାନଙ୍କର ଚିନ୍ତା କରିବାର କ୍ଷମତା ମାରିଦେବା ସହ କୁସଂସ୍କାର ଓ ଅନ୍ଧବିଶ୍ୱାସର ପ୍ରସାର ପାଇଁ ଷଡ଼ଯନ୍ତ୍ର କରାଯାଉଛି । ତେଣୁ ବିଦ୍ୟାଳୟ ସ୍ତରରେ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରଚଳନ କରି ସମଗ୍ର ଦେଶର ସରକାରୀ ବିଦ୍ୟାଳୟ ଶିକ୍ଷାକୁ ଧ୍ୱଂସ କରିବାର ଷଡଯନ୍ତ୍ର କରାଯାଇଛି । ଏହାବ୍ୟତୀତ ସରକାରଙ୍କର ତ୍ରୁଟିପୂର୍ଣ୍ଣ ଭାଷା ନୀତି ଇଂରାଜୀ ଓ ମାତୃଭାଷାକୁ ଇଚ୍ଛାଧୀନ ବିଷୟରେ ପରିଣତ କରିଛି । ଏହାଦ୍ୱାରା ପିଲାମାନଙ୍କ ଭାଷା ଶିକ୍ଷା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ । ଏହାକୁ ବିରୋଧ କରି ଅଭିଭାବକ ସମିତି ଡାକରାରେ କଟକ ଜିଲ୍ଲାପାଳଙ୍କ ଅଫିସ ଆଗରେ ଅଭିଭାବକ ଓ ବୁଦ୍ଧିଜୀବୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଓ କଟକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଆନ୍ଦୋଳନ ସ୍ଥଳରେ ଚି ରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରଶାନ୍ତ ଦାସ, ଲକ୍ଷ୍ମୀ ମହାନ୍ତି, ବିଶ୍ୱଜିତ ଘୋଷ, ଇଂ କ୍ଷୀରୋଦ ମହାପାତ୍ର, ସାରା ଭାରତ ଶିକ୍ଷା ବଂଚାଅ କମିଟି ରାଜ୍ୟ ସମ୍ପାଦକ ସୁବାସ ନାୟକ, ବିଶ୍ୱାବସୁ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ଯୁଗଳ ନାୟକ, ପୁଷ୍ପିତା ମହାନ୍ତି, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ଦୀପକ ଦାସ, ସ୍ୱାଧିନୀ ବେହେରା ସୁକାନ୍ତ ନାୟକ, ନୟନା ନାୟକ, ନାରାୟଣ ମହାରଣା, ସୁଜାତା ମହାପାତ୍ର, ରାଧାରାଣୀ ସାହୁ ପ୍ରମୁଖ ସରକାର ଦାବି ଗୁଡିକୁ ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ବକ୍ତବ୍ୟରେ କହିଥିଲେ ।

ବନ୍ୟାଦୁର୍ଗତଙ୍କ ଜ୍ୱଳନ୍ତ ଦାବିରେ ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ



ଚଳିତ ବର୍ଷ ଲଗାଣ ବର୍ଷା ଓ ଭୟଙ୍କର ବନ୍ୟା ଯାଜପୁର ଜିଲ୍ଲାର ଦଶରଥପୁର, ବିଞ୍ଜାରପୁର, ଯାଜପୁର ଓ ବରୀ ଅଂଚଳରେ ବ୍ୟାପକ କ୍ଷୟକ୍ଷତି କରିଛି । ବନ୍ୟାରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ବନ୍ଦ କରିବା, ଜଳବନ୍ଦୀ ଜନଗଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ରନ୍ଧା ଓ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ଡାକ୍ତରୀ ସେବା ଯୋଗାଇଦେବା ସହିତ ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନାକୁ ଆଣିବା ପାଇଁ ଆମ୍ବୁଲାନ୍ସ ସେବା ନିଶ୍ଚିତ କରିବା, ଦୁର୍ବଳ ନଦୀବନ୍ଧକୁ ସୁଦୃଢ଼ କରିବା, ପଶୁ ଖାଦ୍ୟ ଯୋଗାଇବା, ଚାଷୀ ଓ ଭାଗଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଓ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା, ଆଗାମୀ ଫସଲ ପାଇଁ ବିନା ସୁଧରେ ଋଣ ଦେବା ସହିତ ମାଗଣାରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇଦେବା, ବନ୍ୟାର ସ୍ଥାୟୀ ପ୍ରତିକାର କରିବା, ଆବଶ୍ୟକ ସଂଖ୍ୟାରେ କେନାଲ ଖୋଳି ସମସ୍ତ ଜମିକୁ ଜଳସେଚିତ କରିବା ପ୍ରଭୃତି ଦାବିରେ ସେପ୍ଟେମ୍ବର ୨ ତାରିଖରେ ଯାଜପୁର ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାର ସଭାପତିତ୍ୱ କରିଥିଲେ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ କମ୍ରେଡ୍ କ୍ଷିରୋଦ କର । ଏସ୍ୟୁସିଆଇ(ସି) ରାଜ୍ୟ କମିଟି ସଭ୍ୟ ତଥା ଜିଲ୍ଲା ସମ୍ପାଦକ କମ୍ରେଡ୍ ସୁରେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅଚ୍ୟୁତ ପ୍ରଧାନ, ନୃସିଂହ ପଣ୍ଡା, ସୁବାସ ମଲ୍ଲିକ, କେଦାରନାଥ ସାହୁ,ବୀରକିଶୋର ନାୟକ, ରାଧାବଲ୍ଲଭ ମଲ୍ଲିକ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ମେଡିକାଲ ସର୍ଭିସ୍ ସେଣ୍ଟର ପକ୍ଷରୁ ବନ୍ୟାଚଂଳରେ ଚିକିତ୍ସା ଶିବିର



ମେଡିକାଲ୍ ସର୍ଭିସ୍ ସେ ର ପକ୍ଷରୁ ଯାଜପୁର ଜିଲ୍ଲାର ବନ୍ୟା କ୍ଷତିଗ୍ରସ୍ତ ବରୀ, ଯାଜପୁର, ବିଂଝାରପୁର ଓ ଦଶରଥପୁର ବ୍ଲକର ବଭନ୍ନ ଅଂଚଳରେ ମେଡିକାଲ୍ କ୍ୟାମ୍ପ କରାଯାଇ ଶହ ଶହ ସଂଖ୍ୟାରେ ରୋଗୀଙ୍କୁ ଚିକିତ୍ସା ଓ ଔଷଧ ବିତରଣ କରାଯାଇଛି । ଡାକ୍ତର ରତ୍ନାକର ପଣ୍ଡା, ଡାକ୍ତର ପ୍ରାଙ୍କ ଅନିର୍ବାଣ, ଡାକ୍ତର ସଂଗ୍ରାମ ବ୍ରହ୍ମ, ଡାକ୍ତର ସଂଜୟ ମଲ୍ଲିକ,ଡାକ୍ତର ଅୟସକାନ୍ତଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ମେଡିକାଲ୍ କଲେଜର ଡାକ୍ତର, ପାରାମେଡିକାଲ ଷ୍ଟାଫ, ନର୍ସ ଏବଂ ସ୍ୱେଚ୍ଛାସେବୀ ମାନେ ବନ୍ୟା କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ଏହି ବିପଦ ସମୟରେ ଚିକିତ୍ସା ଯୋଗାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଯାଜପୁର ବ୍ଲକର ବଡ ତ୍ରିଲୋଚନପୁର, ରଣାସାହି, ବରୀ ବ୍ଲକ୍ର ମାଳଦା, କିମ୍ବିରିଆପାଳ, ସାହାସପୁର, ବିଂଝାରପୁର ବ୍ଲକର ହଳଦୀଡିହ, ଫଳପୁର ଏବଂ ଦଶରଥପୁର ବ୍ଲକର ତରପଦା ଆଦି ଅଞ୍ଚଳରେ ମେଡିକାଲ କ୍ୟାମ୍ପ କରାଯାଇ ପାଣି ଘେରରେ ଥିବା ଶହ ଶହ ଲୋକଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ଉକ୍ତ ମେଡ଼ିକାଲ କ୍ୟାମ୍ପ ଆୟୋଜନ କରିବା କ୍ଷେତ୍ରରେ ବରୀ ଅଂଚଳର ଅଜୟ ସାହୁ, ଅଭିମନ୍ୟୁ ମଲ୍ଲିକ, ଗଣେଶ ସେନାପତି, ନିଗମାନନ୍ଦ ଦାସ, ଭାଗିରଥୀ ବାରିକ, ମାନଗୋବିନ୍ଦ ସାହୁ, କୀର୍ତ୍ତନ ଜେନା, ବିଦ୍ୟୁ ଭୂଷଣ ସେନାପତି, କିଶୋର ଜେନା, ଅରୁଣ ଜେନା, ଯାଜପୁର ବ୍ଲକର ସୁଲୋଚନା ପ୍ରଧାନ, ସୁରେନ୍ଦ୍ର ଦାସ, ଦୁର୍ଗା ଘଡେଇ, ରାଜଶ୍ରୀ ମହାନ୍ତି, ମମତା ସେଠୀ, ଲବଙ୍ଗ ଲତା ଜେନା, ଦଶରଥପୁର ବ୍ଲକର ନୃସିଂହ ପଣ୍ଡା, ଚନ୍ଦ୍ରକାନ୍ତ ପଟ୍ଟିହାରୀ, ବିଂଝାରପୁର ବ୍ଲକର ରାଧାବଲ୍ଲଭ ମଲ୍ଲିକ, ବ୍ରହ୍ମାନନ୍ଦ ମଲ୍ଲିକ, କାମଦେବ ମଲ୍ଲିକ ପ୍ରମୁଖ ସହାୟତା ପ୍ରଦାନ କରିଛନ୍ତି ।

ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବନ୍ୟାଂଚଳରେ ରନ୍ଧା ଖାଦ୍ୟ ବିତରଣ



ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବରୀ ବ୍ଲକର କିମ୍ବିରିଆପାଳ ପଂଚାୟତ ଓ ପାଖ ସାହାସପୁର ପଞ୍ଚାୟତର ବିଭିନ୍ନ ଗାଁ ଓ ସାହିରେ ପାଣି ଘେରରେ ଥିବା ବନ୍ୟା କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ରନ୍ଧା ଖାଦ୍ୟ ବିତରଣ କରାଯାଇଛି ଏବଂ କିଛି ସାହିରେ ଛାତ୍ର ସଙ୍ଗଠନ ଡିଏସ୍ଓ ପକ୍ଷରୁ ମଧ୍ୟ ଶୁଖିଲା ଖାଦ୍ୟ ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଆଂଚଳିକ କମିଟି ସମ୍ପାଦକ ସୁବାଷ ମଲ୍ଲିକ, ଅଜୟ ସାହୁ, ଅଭିମନ୍ୟୁ ମଲ୍ଲିକ, ଗଣେଷ ସେନାପତି, ମାନଗୋବିନ୍ଦ ସାହୁ, ଭାଗିରଥୀ ବାରିକ, କୀର୍ତ୍ତନ ଜେନା, ନିଗମାନନ୍ଦ ଦାସ, ବିଦୁଭୂଷଣ ସେନାପତି, କିଶୋର ଜେନା, କବି ସେଠୀ, ଅରୁଣ ଜେନା, ମଧୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

ବନ୍ୟା ଅଂଚଳରେ ମହାମାରୀ ସଂକ୍ରମିତ ନହେବା ପାଇଁ

ମେଡିକାଲ୍ ସର୍ଭିସ୍ ସେ ର ତରଫରୁ ଯାଜପୁର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ମେଡିକାଲ୍ ସର୍ଭିସ୍ ସେ ର ପକ୍ଷରୁ ଯାଜପୁର ଜିଲ୍ଲାର ବନ୍ୟା କ୍ଷତିଗ୍ରସ୍ତ ବରୀ, ଯାଜପୁର, ବିଂଝାରପୁର ଓ ଦଶରଥପୁର ବ୍ଲକର ବିଭିନ୍ନ ଅଂଚଳରେ ମେଡିକାଲ୍ କ୍ୟାମ୍ପ କରାଯାଇ ବହୁ ସଂଖ୍ୟାରେ ରୋଗୀଙ୍କୁ ଚିକିତ୍ସା ଓ ଔଷଧ ବିତରଣ କରାଯାଇଛି । ରାଜ୍ୟର ବିଭିନ୍ନ ମେଡିକାଲ୍ କଲେଜର ଡାକ୍ତର, ପାରାମେଡିକାଲ ଷ୍ଟାଫ, ନର୍ସ ଏବଂ ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କୁ ଏହି ବିପଦ ସମୟରେ ଚିକିତ୍ସା ଯୋଗାଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆଗକୁ ଯେପରି କିଛି ରୋଗ ସଂକ୍ରମିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ମେଡିକାଲ୍ ସର୍ଭିସ୍ ସେ ର ତରଫରୁ ଡାକ୍ତର ରତ୍ନାକର ପଣ୍ଡା, ଡାକ୍ତର ପ୍ରାଙ୍କ ଅନିର୍ବାଣ, ଡାକ୍ତର ସଂଜୟ ମଲ୍ଲିକ ଏବଂ ଗଣେଶ ତ୍ରିପାଠୀଙ୍କୁ ନେଇ ଏକ ୪ଜଣିଆ ପ୍ରତିନିଧି ଦଳ ଯାଜପୁର ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବାତ୍ୟା ଅଂଚଳରେ ମେଡିକାଲ କ୍ୟାମ୍ପ ଅନୁଷ୍ଠିତ କରି ଯେଉଁ ସବୁ ରୋଗ ଦେଖିବାକୁ ମିଳିଲା ସେ ସମ୍ପର୍କରେ ଏବଂ ଭବିଷ୍ୟତରେ ଯେମିତି ବନ୍ୟାଂଚଳରେ କଲେରା ବ୍ୟାପି ନଯାଏ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦୃଢ଼ ଦାବି କରାଯାଇଛି ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das